# ରବିବାର ଆରାଧନା

ଗୀର୍ଜା ଗୃହକୁ ଆସିବା ଲୋକ ନିଶବ୍ଦରେ ଓ ସ୍ଥିରମନରେ, ରହିବାକୁ ହେବ ।

(ମଣ୍ଡଳୀ ଉଠିବା ଶେଷବଚନ ଗାଇବା ଉପଦେଶକ, ଭିତରକୁ ପ୍ରବେଶ କରନ୍ତି)

ଉପଦେଶକ -- ପିତା, ପୁତ୍ର, ପବିତ୍ର ଆତ୍ମାଙ୍କ ନାମରେ

ମଣ୍ଡଳୀ : ଆମେନ୍

## ଗୀତ

ଉପଦେଶକ -- (ସ୍ତୁତି ପ୍ରାର୍ଥନା) ହେ ପ୍ରିୟ ପ୍ରଭୁ ! ତୁମ୍ଭେ ପିତାଙ୍କ ସ୍ୱରୂପରେ ଓ ପୁତ୍ରଙ୍କ ସ୍ୱରୂପରେ, ପବିତ୍ର ଆତ୍ମାଙ୍କ ସ୍ୱରୂପରେ, ପ୍ରକାଶିତ ହୋଇଥିବା, ପିତା ତୁମ୍ଭର ପ୍ରତ୍ୟକ୍ଷ ହେବା ସକାଶେ ତୁମକୁ ଅନେକ ଧନ୍ୟବାଦ ଦେଉଛୁ । ବର୍ତ୍ତମାନ ତୁମ୍ଭ ଉପାସନା କରିବାକୁ ଅନୁଗ୍ରହ ସକ୍ଷମ ଦାନ କରିଥିବା ସକାଶେ ଧନ୍ୟବାଦ ଅର୍ପଣ କରୁ । ଦୂତମାନେ, ସ୍ୱର୍ଗୀୟ ସାଧୁମାନେ ତୁମ୍ଭଙ୍କୁ ଧନ୍ୟବାଦ ଅର୍ପଣ କରୁଥିଲେ ସୁଧା ଆମ୍ଭମାନଙ୍କର ଧନ୍ୟବାଦ ମଧ୍ୟ ତୁମ୍ଭ ପ୍ରତି ହେଉ । ତୁମ୍ଭର ହସ୍ତକୃତ ସକଳ ସୃଷ୍ଟି ସହ ଆମ୍ଭେମାନେ ମଧ୍ୟ ତୁମ୍ଭଙ୍କୁ ନମସ୍କାର କରୁଅଛୁ । ହଁ ପ୍ରିୟ ପ୍ରଭୁ, ଏବେ ତୁମ୍ଭେ ସମୁଦାୟ ଉପାସନା ସମୟରେ, ତୁମରି ଗୌରବ ଯେମନ୍ତ ହୁଏ, ଏଥିପାଇଁ, ଏହି ଉପାସନାକୁ, ଆଶୀର୍ବାଦ କରିବା ନିମନ୍ତେ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ । ଅମେନ୍ ।

ଉପଦେଶକ--ଖ୍ରୀଷ୍ଟରେ ଉପସ୍ଥିତ ପ୍ରିୟମଣ୍ଡଳୀ ଗଣ, ଆମ୍ଭେମାନେ ପବିତ୍ରମୟ ଈଶ୍ୱରଙ୍କ ଛାମୁକୁ ଆସିବାବେଳେ,ସମ୍ପୂର୍ଣ୍ଣ ରୂପେ ଆରାଧନାରେ

ପ୍ରବେଶ କରିବା ପୂର୍ବରୁ ଆମ୍ଭମାନଙ୍କର ପାପ ସ୍ୱୀକାର କରି କ୍ଷମା ମାଗିବା ଆମ୍ଭମାନଙ୍କର ପାପ ନାହିଁ, ଏହା ଯଦି କହୁ ତାହାହେଲେ, ଆମେ ଆପଣାକୁ ପ୍ରବଞ୍ଚନା କରିବା, ପୁଣି ଆମ୍ଭମାନଙ୍କ ଠାରେ ସତ୍ୟ ନାହିଁ । ଯଦି ଆମ୍ଭେମାନେ ଆପଣା ଆପଣାର ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭେମାନଙ୍କର, ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ, ଚେଷ୍ଟା କରିବ । ସେ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି । ଆମ୍ଭେମାନେ ପାପ କରିନାହିଁ, ଏହା ଯଦି କହୁ ତାହାହେଲେ ଆମ୍ଭେମାନେ ମିଥ୍ୟାବାଦି ହେବା । ପୁଣି ତାହାଙ୍କ ବାକ୍ୟ ଆମ୍ଭମାନଙ୍କଠାରେ ନାହିଁ । ମାତ୍ର ନିଜ ଅପରାଧରୁ କ୍ଷମା ପ୍ରାପ୍ତ ଲୋକ, ପାପର ଅନୁତାପ କଲାଲୋକ ଧନ୍ୟ ଓ ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଦୋଷ ବୋଲି ଗଣନା ପ୍ରାପ୍ତ ଲୋକ ଓ ଆତ୍ମାରେ କପଟ ନଥିବା ଲୋକ ଧନ୍ୟ ।

ଉପଦେଶକ --(ଆମ୍ଭେମାନେ ପାପ ସ୍ୱୀକାର କରିବୁ)

(ମଣ୍ଡଳୀ ଉପଦେଶ ସାଙ୍ଗେ ମିଶି କହିବେ)

ହେ ସର୍ବଶକ୍ତିମାନ ପରମେଶ୍ୱର ଦୟାଳୁ ପିତଃ ! ଆମ୍ଭେମାନେ ନିଜ ନିଜ ଜନ୍ମରୁ ପାପୀ ଅଟୁ, ଓ ନିଜ ନିଜ ଗୁଣରେ, ଆଲୋଚନାରେ ପାପୀ, ଅଟୁ, ଦୃଷ୍ଟିରେ ଆମ୍ଭେମାନେ ପାପୀ ଅଟୁ, ଶୁଣିବାରେ କଥା କହିବାରେ ପାପୀ ଅଟୁ, ଚାଲି ଚଳନରେ କ୍ରିୟାରେ ପାପୀ ଅଟୁ, ତୁମର ଦୟା ପାଇବାକୁ ଆମ୍ଭେମାନେ ଅକ୍ଷମ ଅଟୁ । ଆମ୍ଭମାନଙ୍କୁ କ୍ଷମାକରିବା ସକାଶେ ତୁମ୍ଭର ପ୍ରିୟ ପୁତ୍ରଙ୍କ ଦ୍ୱାରା ବିନୟ କରୁଅଛୁ । ଆମେନ୍ ।

ଉପଦେଶକ -- ପ୍ରିୟମାନେ ! ପିତାଙ୍କ ଅପାର ପ୍ରେମରେ, ସମସ୍ତେ ବିଶ୍ୱାସୀ ମାନଙ୍କର ସମସ୍ତ ପାପ କ୍ଷମା କରନ୍ତି, କିନ୍ତୁ ଦଣ୍ଡ ଦେବାକୁ ଇଚ୍ଛୁକ ନୁହନ୍ତି, ଆମ୍ଭମାନଙ୍କର ପାପ ସ୍ମରଣ କରନ୍ତି ନାହିଁ, ସେହି ପିତାଙ୍କୁ ନିରନ୍ତର ଧନ୍ୟବାଦ ଦେଉ । ଆମେନ୍ ।

# (ମଣ୍ଡଳୀ ବସିପାରନ୍ତି)

ପିତା ପାପ ସବୁ କ୍ଷମାକରେ ବୋଲି ବିଶ୍ୱାସ କରେ

ଗୀତ : ଦେଓ୍ୟାସାମସ୍ତୁତି

(୬.୭.୮. ପଦ ଗାଇବ)

ଈଶ୍ୱରଙ୍କ ପବିତ୍ର ଗ୍ରନ୍ଥ ପଢ଼ିବା ପୂର୍ବେ, ପବିତ୍ର ଈଶ୍ୱରଙ୍କ ଗୌରବ ଦେବା ନିମନ୍ତେ ମଣ୍ଡଳୀ ଠିଆହେବେ ।

ଉପଦେଶକ-୧ -- ପିତା ଈଶ୍ୱରଙ୍କୁ ସ୍ମରଣ କରୁକରୁ (ଆଦି ପୁସ୍ତକରୁ ପାଠକରିବା)

୨--ପୁତ୍ରଙ୍କୁ ସ୍ମରଣ କରୁକରୁ, ସୁସମାଚାର ପାଠକରିବା ।

୩--ପବିତ୍ର ଆତ୍ମାଙ୍କୁ ସ୍କରଣ କରୁକରୁ (ପ୍ରେରିତ ଉପଦେଶ ପତ୍ର ପାଠ କରିବା) (ଏହି ବାକ୍ୟ ଦେଇଥିବା ପିତାଙ୍କୁ ଧନ୍ୟବାଦ ହେଉ)

ଉପଦେଶକ ତ୍ରି ଏକ ପରମେଶ୍ୱର ! ଆକାଶ ପୃଥିବୀ ଠାରୁ ସୁନା ରୂପା ଠାରୁ ଅଧିକ ମୂଲ୍ୟବାନ ଯେ ତୁମର ଗ୍ରନ୍ଥ, ଆମ୍ଭମାନଙ୍କୁ ଦାନ କରିଅଛ । ଏଣୁ ତୁମ୍ଭଙ୍କୁ ଅନେକ ଧନ୍ୟବାଦ ଦେଉଛୁ । ତୁମ୍ଭେ ନିଜେ ଆମ୍ଭମାନଙ୍କୁ କହିବା କଥାସବୁ, ଏହି ପୁସ୍ତକରେ ଲେଖା ହୋଇଛି, ଏଥିପାଇଁ ତୁମ୍ଭଙ୍କୁ ଆମ୍ଭମାନଙ୍କର ଧନ୍ୟବାଦ । ଆମେନ୍ ।

ଉପଦେଶକ -- ଆମ୍ଭମାନଙ୍କର ବିଶ୍ୱାସ ସ୍ୱୀକାର କରିବା

(ସମସ୍ତେ ମୋ ସହିତ ବିଶ୍ୱାସ ସ୍ୱୀକାର କରିବେ) ପରମେଶ୍ୱରଙ୍କୁ ଆଦି ଅନ୍ତ ନଥିବା ଈଶ୍ୱର ବୋଲି ମୁଁ ବିଶ୍ୱାସ କରେ, ତାଙ୍କର ପ୍ରେମ, ନ୍ୟାୟ, ପବିତ୍ରତା, ଶକ୍ତି, ଜ୍ଞାନ, ସଜୀବ, ସ୍ୱେଚ୍ଛା, ସର୍ବବ୍ୟାପି ଏହି ସମୁଦାୟ ଉତ୍ତମ ଲକ୍ଷଣ ସହ ସର୍ବଦା ଜାଜ୍ୱଲ୍ୟମାନ ହୋଇ ପ୍ରକାଶ କରୁଛନ୍ତି ବୋଲି ମୁଁ ବିଶ୍ୱାସ କରେ ।

ଯୀଶୁଖ୍ରୀଷ୍ଟ ପ୍ରଭୁ ମନୁଷ୍ୟ ରୂପରେ ଅନାଦି କାଳର ଈଶ୍ୱରଙ୍କ ରୂପରେ ସଞ୍ଚାର କରି, ଉତ୍ତମ ପ୍ରଚାର ଗୁଡ଼ିକ ଦ୍ୱାରା ଅଦ୍ଭୁତ ଉପକାର ଦ୍ୱାରା ଓ ମୋହର ପାପ, ମୋହର ବ୍ୟାଧି, ମୋହର ଦଣ୍ଡ ତାଙ୍କର କ୍ରୁଶ ଉପରେ ବହି ନେଇ ମୃତ୍ୟୁ ହୋଇ କବରରୁ ତୃତୀୟ ଦିନରେ ଉଥିତ ହୋଇ ସ୍ୱର୍ଗକୁ ଆରୋହଣ କରିବା ଦ୍ୱାରା ତାଙ୍କ ନିଜ ଈଶ୍ୱରୀୟ ଗୁଣ, ପ୍ରେମ, ପ୍ରକାଶ କରିଛନ୍ତି ବୋଲି ବିଶ୍ୱାସ କରେ । ବର୍ତ୍ତମାନ ସମସ୍ତଙ୍କ ସକାଶେ, ଆର୍ତ୍ତନାଦ ପ୍ରାର୍ଥନା କରୁଛନ୍ତି ବୋଲି, ସେ ଦ୍ୱିତୀୟଥର, ମଣ୍ଡଳୀକି ନେଇଯିବା ସକାଶେ ମେଘାରୂଢ଼ ହୋଇ, ଆସନ୍ତି ବୋଲି ବଳକା ରହିଥିବା ଲୋକଙ୍କୁ ସାତ ବର୍ଷ ତାଡ଼ନା ହୁଏବୋଲି, ପରେ ଭଣ୍ଡ ଖ୍ରୀଷ୍ଟକୁ ଓ ଖ୍ରୀଷ୍ଟଙ୍କୁ ଘୋଟିତ ଯୁଦ୍ଧରେ ଭଣ୍ଡ ଖ୍ରୀଷ୍ଟ ଓ ଭଣ୍ଡ ଭବିଷ୍ୟତ ବକ୍ତାମାନେ ନରକରେ ନିକ୍ଷେପ କରାଯାନ୍ତି । ଶୟତାନ ହଜାର ବର୍ଷ ପାତାଳରେ ବନ୍ଦି ଥାଏ ବୋଲି ପରେ ପ୍ରଭୁ ହଜାର ବର୍ଷ ପୃଥିବୀରେ ଶାସନ କରନ୍ତି ବୋଲି ପରେ ସେ ଜୀବିତ ଓ ମୃତ୍ୟୁମାନଙ୍କ ବିଚାର କରନ୍ତି ବୋଲି ମୁଁ ବିଶ୍ୱାସକରେ । ଖ୍ରୀଷ୍ଟପ୍ରଭୁ ପାତାଳଠାରୁ ଶୟତାନକୁ ଛାଡ଼ିଦେଲା କ୍ଷଣି ସେ ପୃଥିବୀ ପୃଷ୍ଠରେ ଯାଇ ଗର୍ଗୁ ମାର୍ଗକୁ ନାମକୁ ସୈନ୍ୟବାହିନି ପ୍ରସ୍ତୁତ କରେ ବୋଲି ସେ ଈଶ୍ୱରଙ୍କ ସହିତ ଯୁଦ୍ଧକରେ ଓ ପରାସ୍ତ ହୁଏ ବୋଲି

ଖ୍ରୀଷ୍ଟ ତାକୁ ନରକରେ ପକାନି ବୋଲି ମୁଁ ବିଶ୍ୱାସ କରେ, ପରେ ସେ ସମସ୍ତଙ୍କୁ ବିଚାର କରନ୍ତି, ଅବିଶ୍ୱାସୀ ମାନଙ୍କୁ ନରକାଗ୍ନି କୁଣ୍ଡରେ ପକାଇ ଦିଅନ୍ତି ବୋଲି ମୁଁ ବିଶ୍ୱାସ କରେ । ପୃଥିବୀ ପୃଷ୍ଠରେ ଥିବା ଭକ୍ତ ଲୋକେ ଗୋଟି ମଣ୍ଡଳୀ ହୋଇଥିବା ସକାଶେ ପୃଥବୀ ସ୍ୱର୍ଗରାଜ୍ୟର ଗୋଟିଏ ଅଂଶ, ଖ୍ରୀଷ୍ଟ ପ୍ରଭୁ ସ୍ୱର୍ଗରେ ଓ ପୃଥିବୀରେ ଥାଆନ୍ତି ବୋଲି ବିଶ୍ୱାସ କରେ । ମୋ ପବିତ୍ର ଆତ୍ମାଙ୍କ ଠାରେ ବିଶ୍ୱାସ କରେ ସେ ପିତାଙ୍କ ସହିତ ପ୍ରଭୁଙ୍କ ସହିତ ଏକ ପରମେଶ୍ୱର ଥାଇ କାର୍ଯ୍ୟ କରୁଥାନ୍ତି । ତାଙ୍କ ପ୍ରେରଣାରେ ପବିତ୍ର ଗ୍ରନ୍ଥ ଉଲ୍ଲିଖିତ ହୋଇ ତାଙ୍କର ଆଲୋକରେ, କେବଳ ସେହି ଗ୍ରନ୍ଥ୍ ପିତାଙ୍କ ଇଚ୍ଛାକୃତ ମୁକ୍ତି ଅର୍ଥାତ୍ ପୁତ୍ର ତାଙ୍କର ଅମୂଲ୍ୟ ରକ୍ତ ଦ୍ୱାରା ଗଢ଼ା ଯାଇଥିବା ପରିତ୍ରାଣ ପବିତ୍ର ଆତ୍ମା କେବଳ ବିଶ୍ୱାସୀକୁ ଦିଅବୋଲି ବିଶ୍ୱାସ କରେ । ପିତା ପୁତ୍ରଙ୍କ ସହ ପବିତ୍ର ଆତ୍ମା ମଧ ଉଚିତ ସେବା ପ୍ରାପ୍ୟ ବୋଲି ବିଶ୍ୱାସ କରେ । ସାଧୁମାନଙ୍କ ଏକ ମତରେ ପୁନରୁତ୍‌ଥାନରେ ଅନନ୍ତ ଜୀବନରେ ମୁଁ ବିଶ୍ୱାସ କରେ । ଆମେନ୍ ।

## ଗୀତ

ଉପଦେଶ ପ୍ରାର୍ଥନା : ହେ ପ୍ରଭୁ ! ତୁମ୍ଭର ଏହି ବାକ୍ୟ ଦାନ କରିଥିବାରୁ ଆମ୍ଭେମାନେ ବର୍ତ୍ତମାନ ତୁମ୍ଭର ବାକ୍ୟ ଆଲୋଚନା କରି ପାରୁଛୁ ! ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆବଶ୍ୟକ ସୁସମାଚାର ଦାନ କରନ୍ତୁ । ଆମ୍ଭମାନଙ୍କ ଉପଯୁକ୍ତ ଜ୍ଞାନ ସକାଶେ ନିବେଦନ କରୁ । ଆମେନ୍ ।

## ଉପଦେଶ ପରେ ପ୍ରାର୍ଥନା

ହେ ପ୍ରଭୁ ! ତୁମ୍ଭର ବାକ୍ୟ ଆମ୍ଭମାନଙ୍କ ମଧ୍ୟରେ ତୁମର ମହିମାନ୍ୱିତ ଫଳ ଫଳିବାକୁ ଦେବା ନିମନ୍ତେ ନିବେଦନ କରୁ ! ଅମେନ୍ ।

(ଗୀତ : ସେ ସମୟରେ ଚାନ୍ଦା ଆଦାୟ କରିବେ, ଚାନ୍ଦା ସକାଶେ ଉପଦେଶକ ପ୍ରାର୍ଥନା କରିବା ସମୟରେ ମଣ୍ଡଳୀ ଠିଆ ହେବେ)

ଉପଦେଶକ -- ହେ ପିତା ! ତୁମ୍ଭେ ଆମ୍ଭମାନଙ୍କୁ ସର୍ବପ୍ରକାର ଜ୍ଞାନ ଦେଉଅଛ । କିନ୍ତୁ ଆମ୍ଭେ କଣ ପ୍ରିୟ ଅର୍ପଣ କରିପାରୁ ? ତୁମେ ଦେଇଥିବା ଦାନକୁ ଅମ୍ଭେ କିଛି ଅର୍ପଣ କରୁଛୁ । ଏହି ଦାନକୁ ଆପଣଙ୍କ ସେବାରେ ବ୍ୟବହାର କରନ୍ତୁ । ଆମେନ୍ ।

# ମଣ୍ଡଳୀ ଜଣାଇବା

## ଶେଷ ପ୍ରାର୍ଥନା

ଉପଦେଶକ--ହେ ସର୍ବବ୍ୟାପି ପରମେଶ୍ୱର ! ସର୍ବ-ଜଗତକୁ ତୁମର ସୁସମାଚାର ପହଞ୍ଚାନ୍ତୁ । ତୁମର ମଣ୍ଡଳୀ ବୃଦ୍ଧିପାଇଁ ବିଶ୍ୱାସରେ ଆଦର୍ଶ ରୂପେ ଜଗତ ସମ୍ମୁଖରେ ଛିଡ଼ାହେବା ଶକ୍ତି ଦାନ କରନ୍ତୁ । ଧର୍ମତର୍କ ମଣ୍ଡଳୀ ମିଶନ ବିବାଦ, ଭୂଲ ଉପଦେଶ, ପାପ ପରୀକ୍ଷା, ପାପଦ୍ୱାରା ଘଟିତ ନଷ୍ଟ-ଏହି ସବୁଠାରୁ ଆମ୍ଭମାନଙ୍କୁ ରକ୍ଷା କରନ୍ତୁ ।

ଦୁର୍ଭିକ୍ଷ ସମୟରେ, ବ୍ୟାଧି ସମୟରେ, ଅଜ୍ଞାନ ସମୟରେ ସେହି ସବୁଦ୍ୱାରା ନର ବଂଶକୁ ତୁମ ଆଡ଼କୁ ଫେରାଅ । ଜଗତର ସାଧିତ ସକଳ ମଙ୍ଗଳମୟ କାର୍ଯ୍ୟରେ ଆଶୀର୍ବାଦ କର, ବିଶ୍ୱାସୀ ମାନଙ୍କୁ ତୁମ୍ଭ ପବିତ୍ର ଆତ୍ମାରେ, ପରିପୂର୍ଣ୍ଣ କରି ପ୍ରଭୁ ଯୀଶୁଙ୍କ ଦ୍ୱିତୀୟ ଆଗମନ ସକାଶେ, ପ୍ରସ୍ତୁତ କରାଅ ।

ପରିତ୍ୟକ୍ତା ପରିବାର ଲୋକଙ୍କୁ, ଗରୀବଙ୍କୁ ଅନୁଷ୍ଠାନ ଗୁଡ଼ିକୁ ହସ୍‌ପିଟାଲ ଗୁଡ଼ିକୁ ଅନାଥାଶ୍ରମକୁ, ବାଇବଲ ସୋସାଇଟିକୁ ଟ୍ରାକ୍‌ଟ୍ ସୋସାଇଟିକୁ, ସମସ୍ତ ପ୍ରକାର ବ୍ୟବସାୟକୁ, ଜଳ ଉପରେ, ପର୍ବତ ଉପରେ, ନିଜର ସ୍ଥାନରେ, ବାୟୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ, ଶାସନ କେନ୍ଦ୍ରକୁ ସୁରକ୍ଷା ପ୍ରାପ୍ତ ତୁମର ସ୍ୱତନ୍ତ୍ର ଦଳକୁ ବୃଦ୍ଧି କର ।

ଜାତି ଉପରେ, ପଶୁ ଉପରେ, ପକ୍ଷୀ ଉପରେ, ବୃକ୍ଷଲତା ଉପରେ, କୃଷି ଉପରେ, ସମୁଦାୟ ତୁମ୍ଭର ସୃଷ୍ଟି ଉପରେ, ତୁମ୍ଭର କରୁଣାଦୃଷ୍ଟି ନିତ୍ୟ ପ୍ରକାଶ କର । ସେ ବସ୍ତୁକୁ ଏ ଜୀବକୁ ଈଶ୍ୱର ଆଶୀର୍ବାଦ କରିନାହାନ୍ତି ବୋଲିବା ଦୋଷ ତୁମ ଉପରକୁ ନଆସୁ ।

ଅନ୍ୟାୟ, ଅପମାନ, ଲୁଣ୍ଠନ, ହତ୍ୟା, ନିରାଶ, ଦୂର ମରଣ, ଭୂମିକମ୍ପ, ଯୁଦ୍ଧ, ଆକସ୍ମିକ ଦୁର୍ଦ୍ଦଶା, ଇତ୍ୟାଦି ବିପଦ ମାନଙ୍କଠାରୁ ତୁମର ଲୋକଙ୍କୁ ଉଦ୍ଧାର କର ।

ଯନ୍ତ୍ରପାତିରେ, ଖଣିମାନଙ୍କର, ସୁଡ଼ଙ୍ଗରେ ଜଳରାଶି ତଳେ କାର୍ଯ୍ୟ କରିବା ଲୋକମାନଙ୍କୁ ରକ୍ଷା କରନ୍ତୁ । ବିଷକାଟ, ହିଂସ୍ରକ ଜନ୍ତୁ ଓ ଦୁଷ୍ଟଙ୍କ ହାତରୁ ଆମ୍ଭମାନଙ୍କୁ ଉଦ୍ଧାର କରନ୍ତୁ । ଏହି ପ୍ରାର୍ଥନାରେ ଯାହା ମାଗିବାକୁ ଭୁଲିଗଲୁ, ତାହା ମଧ୍ୟ ତୁମ୍ଭଠାରେ ସମର୍ପଣ କରୁ ।

ଆମ୍ଭମାନଙ୍କ ମାଗିବା ବା ଭାବିବା ଠାରୁ ଅତ୍ୟଧିକ ପରିମାଣରେ ଆମ୍ଭମାନଙ୍କ ପିତା ଆମ୍ଭମାନଙ୍କ ଗୁପ୍ତ ପ୍ରାର୍ଥନା, ପ୍ରକାଶ ପ୍ରାର୍ଥନା ଉଚିତ ସମୟରେ ସଫଳ କରିବାକୁ, ଆମ୍ଭମାନଙ୍କ ପ୍ରାର୍ଥନା । ଶୀଘ୍ର ଆସିଥିବା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଶୁଣିବା ସକାଶେ ନିବେଦନ କରୁ । ଆମେନ୍ ।

# ପ୍ରଭୁଙ୍କର ପ୍ରାର୍ଥନା

## ପ୍ରଭୁଙ୍କର ଆଶୀର୍ବାଦ

ସଦା ପ୍ରଭୁ ତୁମ୍ଭଙ୍କୁ ଆଶୀର୍ବାଦ କରନ୍ତୁ ଓ ରକ୍ଷା କରନ୍ତୁ, ସଦା ପ୍ରଭୁ ତୁମ୍ଭ ଉପରେ ଆପଣା ମୁଖ ଉଠାନ୍ତୁ ଓ ତୁମ୍ଭଙ୍କୁ ଅନୁଗ୍ରହ କରନ୍ତୁ, ସଦା ପ୍ରଭୁ ତାଙ୍କର ମୁଖର ତେଜ ପ୍ରକାଶ କରନ୍ତୁ ।

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ପିତା ଈଶ୍ୱରଙ୍କ ପ୍ରେମ ଓ ପବିତ୍ର ଆତ୍ମାଙ୍କ ସହାୟତା ତୁମ ସମସ୍ତଙ୍କ ପ୍ରତି ହେଉ । ଆମେନ୍ ।

# ଦୈବ ଲକ୍ଷଣ ସ୍ତୁତି

୧. ପ୍ରଭୁ, ତୁମେ ଅନାଦି ବ୍ୟକ୍ତି ହୋଇ ରହିଅଛ । ତୁମକୁ କେହି ସୃଷ୍ଟି କରିନାହାନ୍ତି । ତୁମକୁ ତୁମେ ହିଁ ରହିଅଛ, ସେଥିପାଇଁ ତୁମ୍ଭଙ୍କୁ ଧନ୍ୟବାଦ ।

୨. ପ୍ରଭୁ ତୁମ୍ଭେ ଆଲୋକ ହୋଇ ରହିଅଛ । ସେଥିଯୋଗୁଁ ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ର ମାନଙ୍କୁ ଆଲୋକ ପ୍ରଦାନ କରିଅଛ । ଜୀବମାନଙ୍କ ଚକ୍ଷୁକୁ ଆଲୋକ ଦେଇଅଛ । ତେଣୁ ତୁମ୍ଭଙ୍କୁ ଧନ୍ୟବାଦ ।

୩. ପ୍ରଭୁ, ତୁମ୍ଭେ ଜ୍ଞାନ ହୋଇ ରହିଅଛ, ସେଥିପାଇଁ ସ୍ୱର୍ଗଦୂତ ମାନଙ୍କୁ, ମନୁଷ୍ୟ ମାନଙ୍କୁ, ଜୀବ ମାନଙ୍କୁ ଜ୍ଞାନ ପ୍ରଦାନ କରୁଅଛ । ସେହି ଜ୍ଞାନ ଯୋଗୁଁ ଅନେକ ମର୍ମ ବିଷୟ ଜଣାଯାଉଅଛି । ଆତ୍ମ ଜ୍ଞାନକୁ ପ୍ରକାଶ ହୋଇଥିବାରୁ ତୁମ୍ଭକୁ ଧନ୍ୟବାଦ ।

୪. ପ୍ରଭୁ, ତୁମେ ପ୍ରେମ ହୋଇ ରହିଅଛ ତେଣୁ ଜୀବରାଶି ଜଣକୁ ଅନ୍ୟ ଜଣ ଗୋଟିକୁ ଅନ୍ୟ ଗୋଟି ପ୍ରେମ କରୁଅଛନ୍ତି, ସେହିଭଳି ମନୁଷ୍ୟମାନେ ମଧ୍ୟ ପରସ୍ପରକୁ ପ୍ରେମ କରୁଅଛନ୍ତି, ତେଣୁ ତୁମ୍ଭକୁ ଧନ୍ୟବାଦ ।

୫. ପ୍ରଭୁ ତୁମେ ନ୍ୟାୟ ହୋଇ ରହିଅଛ, ତେଣୁ ତୁମ୍ଭେ କ୍ଷମାକାରୀ ହେଲେ ମଧ୍ୟ ଭୁଲ କରିଥିବା ଲୋକମାନଙ୍କୁ ଦଣ୍ଡ ଦେଇ କ୍ଷମାକାରୀ ଅଟ । ତେଣୁ ତୁମ୍ଭକୁ ଧନ୍ୟବାଦ ।

୬. ପ୍ରଭୁ, ତୁମ୍ଭେ ପବିତ୍ର ହୋଇ ରହିଅଛ, ତେଣୁ ଜଗତରେ ପାପ ଥିଲେ ମଧ୍ୟ ପବିତ୍ରତା ମଧ୍ୟ ରହିଅଛି । ବର୍ଷା ଜଳରେ ଫଳରେ ପରିଶୁଦ୍ଧତା ଦେଖାଯାଉଅଛି । ମନୁଷ୍ୟ ମଧ୍ୟରେ ପାପ ରହିଥିଲେ ମଧ୍ୟ ପବିତ୍ରତା ମଧ୍ୟ ଅଛି, ତେଣୁ ତୁମ୍ଭକୁ (ନମସ୍କାର) ଧନ୍ୟବାଦ ।

୭. ପ୍ରଭୁ, ତୁମ୍ଭେ ଶକ୍ତି ହୋଇ ରହିଅଛ । ତେଣୁ ମାନବ ଓ ଜୀବ ରାଶିକୁ ଶକ୍ତି ପ୍ରଦାନ କରିଅଛ । ତେଣୁ ସେମାନେ ଚାଲିପାରନ୍ତି, କାର୍ଯ୍ୟ କରିପାରନ୍ତି, ତେଣୁ ତୁମ୍ଭକୁ ଧନ୍ୟବାଦ ।

୮. ପ୍ରଭୁ, ତୁମ୍ଭେ ସର୍ବବ୍ୟାପୀ ହୋଇ ରହିଅଛି, ସେଥିଯୋଗୁଁ ସବୁ ସ୍ଥାନରେ ତୁମ୍ଭ ପ୍ରଭାବ ଯଥା-ପ୍ରେମ, ଜୀବନ, ପବିତ୍ରତା, ତୁମ୍ଭ କାର୍ଯ୍ୟ ଓ ତୁମ୍ଭ ପ୍ରତି ପାଳନ ଦୃଷ୍ଟି ହେଉଅଛି । ତେଣୁ ନିତ୍ୟ ଧନ୍ୟବାଦ ।

୯. ପ୍ରଭୁ, ତୁମ୍ଭେ ନିରାକାର ହୋଇ ରହିଅଛ । ସେଥିଯୋଗୁଁ ଆମପରି ପାପୀମାନଙ୍କୁ ଅଦୃଶ୍ୟ ପିତା ଅଟ । ହେଲେ ମଧ୍ୟ କେତେ ଜଣଙ୍କୁ ଦର୍ଶନରେ କେତେକଙ୍କୁ ସ୍ୱପ୍ନରେ ଦେଖାଯାଉଅଛି । ତେଣୁ ତୁମ୍ଭଙ୍କୁ ହୃଦୟ ପୂର୍ବକ ଧନ୍ୟବାଦ ।

୧୦. ପ୍ରଭୁ, ତୁମ୍ଭେ ସ୍ୱାଧୀନ ହୋଇ ରହିଅଛ ଓ ସ୍ୱେଚ୍ଛାଚାରୀ ହୋଇ ରହିଅଛ । ତୁମ୍ଭଙ୍କୁ କାହାର ଉପଦେଶର ଆବଶ୍ୟକତା ନାହିଁ । ସମସ୍ତ ତୁମ୍ଭ ଇଚ୍ଛାନୁସାରେ କରିପାରିବ । ଧନ୍ୟବାଦ ।

୧୧. ପ୍ରଭୁ, ତୁମ୍ଭର ଦିବ୍ୟ ଲକ୍ଷଣ ସ୍ୱର୍ଗ ଦୂତ ଓ ମନୁଷ୍ୟ ମାନଙ୍କ ମଧ୍ୟରୁ ଗୋଟିଏ ଦୂତ ପାପରେ ପତିତ ହୋଇ ତୁମ୍ଭ ଉତ୍ତମ ଗୁଣରୁ କ୍ଷାନ୍ତ ହୋଇଥିଲେ । ସେହିପରି ମନୁଷ୍ୟ ପାପରେ ପତିତ ହୋଇ ଗୁଣ ମଧ୍ୟରୁ ଅଧିକାଂଶ ହରାଉଛନ୍ତି । ହେଲେ ମଧ୍ୟ ତୁମ୍ଭେ ତାଙ୍କ ପ୍ରତି ଦୀର୍ଘ ସହିଷ୍ଣୁ ହୋଇଅଛ, ତେଣୁ ତୁମ୍ଭଙ୍କୁ ଧନ୍ୟବାଦ ।

୧୨. ପ୍ରଭୁ ! ତୁମ୍ଭ ପ୍ରିୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ଜଗତକୁ ପ୍ରେରଣ କରି ତାଙ୍କଠାରେ ତୁମ୍ଭ ଗୁଣ ପ୍ରକାଶ କରିଅଛ । ତେଣୁ ତୁମ୍ଭଙ୍କୁ ଧନ୍ୟବାଦ ଏବଂ ପ୍ରଭୁ ସୃଷ୍ଟିର ବସ୍ତୁ ଗୁଣକୁ ପରୀକ୍ଷା କଲେ ତୁମ୍ଭ ଉତ୍ତମ ଗୁଣ ସେଥି ମଧ୍ୟରେ ରହିଅଛି । ତେଣୁ ତୁମ୍ଭଙ୍କୁ ପ୍ରଶଂସା ଏବଂ ପ୍ରଭୁ ! ବିଶ୍ୱାସୀ ମାନଙ୍କ ମଧ୍ୟରେ ରହିଥିବା ଦୁର୍ଗୁଣ ଦୂର କରି ମୋକ୍ଷର ସଂଯୋଗ କରୁଅଛ । ସେଠାରେ ସଦା ସର୍ବଦା ତୁମ୍ଭର ଦିବ୍ୟ ଲକ୍ଷଣ ଅନୁଭବ କରୁଅଛନ୍ତି । ତୁମ୍ଭକୁ ମହା ଧନ୍ୟବାଦ ।

# ଶୟତାନକୁ ପ୍ରତିବାଦ କରିବା ସୂତ୍ର

ପ୍ରାରମ୍ଭ (ଆରମ୍ଭ) ପ୍ରାର୍ଥନା,

ହେ ତ୍ରିଏକ ପ୍ରଭୁ ହୋଇଥିବା ପିତା ! ଶତୟତାନକୁ ପ୍ରତିବାଦ କରିବା ପାଇଁ ତୁମ ବାକ୍ୟ ଗ୍ରନ୍ଥରେ ଲେଖାଅଛି । ଏହି କ୍ଷଣେ ତୁମ୍ଭ ଉପସ୍ଥିତିରେ ସେମାନଙ୍କ ପ୍ରତିବାଦ କରୁଅଛୁ । ଆମ୍ଭ ପ୍ରତିବାଦ ଯୋଗୁଁ ଶୟତାନକୁ ବେଦନା, ନିଃଶକ୍ତି ଯୋଗାଅ । ଆମ୍ଭ ପ୍ରତିବାଦ ଫଳରେ ତୁମ୍ଭକୁ ମହିମା ମଣ୍ଡଳୀକୁ ଜୟ ପ୍ରଦାନ କର ।

ଦୟାବହ ପିତା, ସର୍ବଶକ୍ତିମାନ ଈଶ୍ୱର ! ଆମ୍ଭେ ଶୟତାନକୁ ପ୍ରତିବାଦ କରିବା ପାଇଁ ତୁମ୍ଭ ସର୍ବଶକ୍ତି ମଧ୍ୟରୁ ଆମକୁ ଶକ୍ତି ପ୍ରଦାନ କର । ଶତ୍ରୁ ବଳ ଉପରେ ତୁମ୍ଭକୁ ଅଧିକାର ଦେଇଅଛି ବୋଲି ଲୁକ ୧୦ ପର୍ବରେ ଲେଖାଅଛି । ସେଥିଯୋଗୁଁ ପିତା ସେହି ଅଧିକାରକୁ ବ୍ୟବହାର କରିବା କୃପା ଦୟାକର ବୋଲି ପ୍ରଭୁ ନାମରେ ବିନୀତି କରୁଅଛୁ । ସର୍ବ ଜଗତକୁ ସୃଷ୍ଟି କରିଥିବା ସୃଷ୍ଟିକର୍ତ୍ତା ହୋଇଥିବା ପିତାଙ୍କ ନାମରେ, ସର୍ବଜଗତକୁ ରକ୍ଷା କରିଥିବା ରକ୍ଷାକର୍ତ୍ତା ପ୍ରଭୁ ଯୀଶୁଙ୍କ ନାମରେ ସର୍ବ ଜଗତକୁ ଆଧାର କରି ଆୟତ କରୁଥିବା ପବିତ୍ର ଆତ୍ମାଙ୍କ ନାମରେ, ତ୍ରିଏକ ଈଶ୍ୱରଙ୍କ ନାମରେ ବାୟୁମଣ୍ଡଳୀରେ ବନ୍ଧନରେ ଥିବା ହେ ଶୟତାନର ଅନୁଗାମୀମାନେ, ଦୁଷ୍ଟ ଆତ୍ମାମାନେ, ଦୁଷ୍ଟ ଆତ୍ମାସମୂହମାନେ ଭୂତମାନେ ପିଶାଚମାନେ ଆମ୍ଭେ ତୁମ୍ଭକୁ ପ୍ରତିବାଦ ଓ ଧମକକୁ ଜାଗ୍ରତ ଭାବେ ଶ୍ରବଣ କର ବୋଲି ତ୍ରିଏକ ଈଶ୍ୱରଙ୍କ ନାମରେ ତୁମ୍ଭକୁ ଆଜ୍ଞା ଦେଉଅଛ ।

୧. ହେ ଶୟତାନ ଆମେ ଗୋଟିଏ ଭୂତକୁ ପ୍ରତିବାଦ କରିବାବେଳେ ତାର ସୈନ୍ୟ ସମସ୍ତଙ୍କୁ ପ୍ରତିବାଦ କଲା ପରି ହିଁ । ତାଙ୍କୁ ତାଙ୍କ ସୈନ୍ୟ ସମସ୍ତଙ୍କୁ ବର୍ତ୍ତିବ । ତାର ସୈନ୍ୟ ସମସ୍ତଙ୍କୁ ପ୍ରତିବାଦ କରି

ବିଜୟୀ ହେବାପାଇଁ, ହେ ପ୍ରଭୁ ତୁମ ସୈନ୍ୟ ସମୂହକୁ, ସ୍ୱର୍ଗୀୟ ଦୂତମାନଙ୍କୁ ଭକ୍ତମାନଙ୍କୁ, ବିଶ୍ୱାସୀ ମାନଙ୍କୁ ଆମ୍ଭକୁ ସହାୟକର । ତୁମ୍ଭେ ଆମ୍ଭ ପକ୍ଷରେ ଶୟତାନ ସହିତ ଯୁଦ୍ଧ କରିବା ପାଇଁ ନିବେଦନ କରୁଅଛୁ ।

୨. ହେ ପ୍ରଭୁ ! ଆମ୍ଭେ ରକ୍ଷାପ୍ରାପ୍ତ ହୋଇଅଛୁ । ଶୟତାନ ରକ୍ଷାପ୍ରାପ୍ତ ହୋଇନାହିଁ, ରକ୍ଷାପ୍ରାପ୍ତ ମାନଙ୍କୁ ଅଧିକ ବଳ ନା ରକ୍ଷାପ୍ରାପ୍ତ ହୋଇନଥିବାମାନଙ୍କୁ ଅଧିକ ବଳ ? ତେଣୁ ତାହାରି କଥା ବଳହୀନ ବୋଲି ଆମ୍ଭେ ପ୍ରତିବାଦ କରିବାକୁ ଆମ୍ଭକୁ ସାହାସ ଓ ଦୟାକର ।

୩. ହେ ପ୍ରଭୁ, ଶୟତାନ ଅନ୍ଧକାର ବ୍ୟକ୍ତି ସେ ଅନ୍ଧକାର ବ୍ୟକ୍ତି ନାହିଁ ବୋଲି ଭକ୍ତମାନେ ଭ୍ରମରେ ପଡ଼ିଲା ପରି ଉଜ୍ଜଳ ଦୂତ ବେଶ ଧାରଣ କରେ । ତେଣୁ ସେ ବେଶଧାରୀ ଏହି କଥା ଆମ୍ଭେ ଶୟତାନକୁ କହି ଯେପରି ତାହାକୁ ପ୍ରତିବାଦ କରିବୁ, ଆମ୍ଭକୁ ସାହାସ ଓ ଦୟାକର ।

୪. ପ୍ରଭୁ, ଯୀଶୁ ଶୟତାନ ଆମ୍ଭ ପ୍ରତି ଦୁଷ୍ଟ ଚିନ୍ତା କରିବାବେଳେ ତାହାର ନିରାକାର ଚିନ୍ତା ଉପରେ ଭୟଭୀତ ହୋଇ ଚିତ୍କାର କରିବା ଭଳି ବାଣ ନିକ୍ଷେପ କର, ସେ ଏଥିପ୍ରତି ମନ୍ଦ ଦୃଷ୍ଟିରେ ଦେଖୁଥିବା ବେଳେ ତାହାର ଚକ୍ଷୁ ମଧ୍ୟକୁ ବାଣ ନିକ୍ଷେପ କର । ଆମ ବିଷୟରେ ଶୟତାନ ଦୂତମାନେ ମନ୍ଦ ଅଭିଯୋଗ ଶୁଣାଇବା ବେଳେ ତାହାର ନିରାକାର କର୍ଣ୍ଣ ମଧ୍ୟକୁ ବାଣ ନିକ୍ଷେପ କର । ଶୟତାନ ତୁମ୍ଭ ନିକଟରେ ଆମ୍ଭ ବିଷୟ ଭକୁଆ କଥା କହିବାବେଳେ ତାର ନିରାକାର ପାଟି ମଧ୍ୟକୁ ବାଣ ନିକ୍ଷେପ କର । ଖାଦ୍ୟ ଯୋଗୁଁ କିମ୍ବା ଖାଦ୍ୟ ପଦାର୍ଥ ଯୋଗୁଁ ଆମ୍ଭଙ୍କୁ ଅସୁସ୍ଥତା ହେବାବେଳେ ତାହାର ନିରାକାର ଉଦର ମଧ୍ୟକୁ ବାଣ ନିକ୍ଷେପ କର । ତାହାର ହସ୍ତ ମଧ୍ୟକୁ ବାଣ ନିକ୍ଷେପ କର । ସେ ଆମ୍ଭ ଗୋଡ଼କୁ ହାନି

କରିବାବେଳେ ତାର ନିରାକାର ଗୋଡ଼ ମଧ୍ୟକୁ ବାଣ ବନ୍ଧକର । ସେ ଆମ୍ଭ ଜୀବନ କାଳରେ କୌଣସି ହାନି କଲେ ମଧ୍ୟ ଓ ଆମ୍ଭର ପ୍ରାପ୍ତ କୌଣସିଟିକୁ ହାନି କରିବା ବେଳେ ତାହାର ନିରାକାର ସ୍ଥାନ ଉପରେ ବାଣ ବନ୍ଧକର । ସେ ଆମ୍ଭ ମଧ୍ୟରେ ଜାତ କରୁଥିବା କ୍ରୋଧ, ଈର୍ଷା, ଅଳସ, ଆନ୍ଦୋଳନ, ବିଫଳତା, ନିରାଶ, ବିଶ୍ୱାସହୀନତା, ଭକ୍ତିହୀନତା, ଚିନ୍ତା, ସାହସ ହୀନତା, ଦୀର୍ଘକାଳ ଚିନ୍ତା, ଦୁଃଖ, ଅବହେଳା, ମନ୍ଦ ଇଚ୍ଛା, ଭୁଲବୁଝିବା, କଳହଗୁଣ, ପ୍ରାପ୍ତ ନହେବା ପଦାର୍ଥକୁ ଆଶା କରିବା, ବୃଦ୍ଧତା ଯୋଗୁଁ ହେଉଥିବା ହାନି, ନିସହାୟତା, ଏହି ସବୁ ଦୂରକର । ଶୟତାନ ଆମ୍ଭ ପ୍ରାର୍ଥନା ଯୋଗୁଁ ଉତ୍ତେଜନା ହେଲେ, କେବଳ ଶୟତାନକୁ ହାନି ଯୋଗାଅ ମାତ୍ର ଆମ୍ଭକୁ କୌଣସି ହାନି ଦେବାକୁ ଦିଅନାହିଁ ।

୫. ସୃଷ୍ଟିକର୍ତ୍ତା ହୋଇଥିବା ପିତା, ଟୋବୀୟ, ସନବଲାଟଙ୍କ କଥା ଶେଷକୁ ସଫଳ ହେଲାନାହିଁ, ମାତ୍ର ଏଜ୍ରା ଓ ନେହିମିୟଙ୍କ କଥା ସଫଳ ହୋଇଥିଲା । ତୁମ୍ଭେ ଆମ୍ଭଠାରେ ଥିବା ଯୋଗୁଁ ଶୟତାନର କଥା କିପରି ସଫଳ ହେବ ଏଥି ପର୍ଯ୍ୟନ୍ତ ତାହାର ପ୍ରତିଦ୍ୱନ୍ଦିତା ସଫଳ ହୋଇନାହିଁ । ସେହିପରି ଶେଷ ପର୍ଯ୍ୟନ୍ତ ସଫଳ ହେବ ନାହିଁ । ତୁମ୍ଭେ ହି ତାହାକୁ ସଫଳ ହେବାକୁ ଦେବନାହିଁ । ଶୟତାନର କଥା କେବଳ ଧମକାଇବା କଥା ମାତ୍ର ସତ୍ୟ କଥା ନୁହେଁ ବୋଲି ସେ ଓ ଭୂତମାନେ ଜାଣିବା ପରି କର ।

୬. ହେ ପ୍ରଭୁ ଯୀଶୁ ତୁମ୍ଭେ ଅରଣ୍ୟରେ ଶୟତାନକୁ ''ଶୟତାନ ଦୂର ହୁଅ'' (ମାଥିଉ ୪:୧୦) ବୋଲି କହିଅଛ । ସେ ଏକ କ୍ଷଣ ମଧ୍ୟ ରହିଥିଲା କି ? ସେହି ବାକ୍ୟ ଆଜି ଦିନ ମାନଙ୍କରେ ଆମ୍ଭଙ୍କୁ ବ୍ୟବହାର କରିବା କୃପା ଦୟାକରନ୍ତୁ । ତୁମ୍ଭେ କହିଥିବା କଥା ଗୁଡ଼ିକ ଆମେ ବ୍ୟବହାର କଲେ ହିଁ ଶୟତାନକୁ ଅଧିକ ଭୟ । ଆମ୍ଭ ପ୍ରାର୍ଥନା ଶ୍ରବଣ କର ବୋଲି ବିନତୀ କରୁଅଛୁ ।

୭. ପ୍ରଭୁ ଯୀଶୁ କ୍ରୁଶ ଉପରେ ଥିଲାବେଳେ ଦୁଷ୍ଟମାନେ, ତୁମେ ଅନ୍ୟମାନଙ୍କୁ ରକ୍ଷା କଲ ମାତ୍ର ତୁମ୍ଭେ, ତୁମ୍ଭକୁ ରକ୍ଷା କରିପାରିବ ନାହିଁ କି ? ବୋଲି ପରିହାସ କରିଥିଲେ । ଏବଂ ହେଲେ ପ୍ରଭୁ ତୁମକୁ ତୁମେ ରକ୍ଷା କରିଲେ ଜଗତସାରାକୁ ରକ୍ଷା କରିପାରିବ ନାହିଁ । ସେଥିଯୋଗୁଁ ସେ ପରିହାସ ମିଥ୍ୟା ହୋଇଅଛି । ଶୟତାନ ତୁମ କାର୍ଯ୍ୟକୁ ପ୍ରତିବନ୍ଧକ ହୋଇ କୌଣସି ଗୋଟିଏ କଥା କହି ଚାଲିଯାଏ, ମାତ୍ର ସେହି କଥାରେ ସତ୍ୟତା ନଥାଏ । ହେ ଶୟତାନ ତୁମକୁ ରକ୍ଷା କରି ପାରିବ ନାହିଁ, ଅନ୍ୟ କାହାକୁ ରକ୍ଷା କରିପାରିବ ନାହିଁ । ଦୁଷ୍ଟମାନଙ୍କ ଦ୍ୱାରା ପ୍ରଭୁ ଯୀଶୁଙ୍କୁ କହିଥିବା କଥା କାହିଁକି ତୁମକୁ ବୋଲି, ଶୟତାନକୁ ପ୍ରତିବାଦ କରିବା ପାଇଁ ଆମକୁ ବଳ ଅନୁଗ୍ରହ କର ।

୮. ହେ ପ୍ରଭୁ ଯୀଶୁ ତୁମେ (ମାଥିଉ ୧୮:୧୮) ରେ ବାକ୍ୟ କହୁଅଛି ଯେ, ପୃଥିବୀରେ ତୁମେ ଯାହା ବନ୍ଦ କରିବ, ସ୍ୱର୍ଗରେ ତାହା ବନ୍ଦ ରହିବ । ତେଣୁ ଏହିକ୍ଷଣି ଆମେ ଶୟତାନ ତାର ଦୂତମାନଙ୍କୁ ବନ୍ଧନ କରୁଅଛୁ । ତୁମେ ମଧ ସେମାନଙ୍କୁ ବନ୍ଧନ କର । ହେ ଭୂତମାନେ ! ଆମେ ସ୍ୱର୍ଗସ୍ଥ ପିତାଙ୍କ ସ୍ୱାଧିନତା ସକାଶେ ତୁମକୁ ଏହି କ୍ଷଣି ବନ୍ଧନ କରୁଅଛୁ । ଶୟତାନ ତୋତେ ବନ୍ଧନ ହୋଇନାହିଁ ବୋଲି ସତ୍ୟ କହୁଅଛୁ । ତୋତେ ସତ୍ୟ କହିବା ଜଣାନାହିଁ ।

୯. ପୁଣି (ମାଥିଉ ୧୮:୧୮)ରେ ପୃଥିବୀର ଯାହା ସବୁମୁକ୍ତ କରିବ ସ୍ୱର୍ଗରେ ସେସବୁ ମୁକ୍ତ ରହିବ ବୋଲି କହିଅଛୁ । ଶୟତାନ ପୃଥିବୀରେ ଅନେକ ଭକ୍ତମାନଙ୍କ ବନ୍ଦୀ କରିଅଛ, ପ୍ରଭୁ ଯୀଶୁ ସ୍ୱର୍ଗରେ ସେ ବନ୍ଧନ ଫିଟାଅ ।

୧୦. ହେ ପ୍ରଭୁ, ଅନନ୍ତ କୃପାଶୀଳ ପ୍ରଭୁ ତୁମ୍ଭଙ୍କୁ ପ୍ରଶଂସା । ଶୟତାନ ତାହାକୁ ଅଧିକ ସମୟ ନାହିଁ ବୋଲି ଉତ୍ତେଜିତ ହୋଇ

ବିଶ୍ୱାସୀମାନଙ୍କ ଉପରେ ପଡୁଅଛି । ତାହାର ଭାବନା କାର୍ଯ୍ୟକାରୀ ହେବାକୁ ଦିଅନାହିଁ । ତାର ଚେଷ୍ଟା ସଫଳ ହେବାକୁ ଦିଅନାହିଁ । ତାହାର ମନ୍ଦ ଚେଷ୍ଟାକୁ ନଷ୍ଟ କର ୟୁଫ୍ରାଟିସ ନଦୀ ନିକଟରେ ଚାରି ଦୂତମାନଙ୍କ ତୁମେ ବନ୍ଦୀ କରିଅଛ । ସେହି ପ୍ରକାରେ ଏବେ ମଧ୍ୟ ପୃଥିବୀ ସାରା ବୁଲୁଥିବା ଭୂତମାନଙ୍କୁ ଓ ସେମାନଙ୍କ କାର୍ଯ୍ୟକୁ ତୁମେ ବନ୍ଧନ କର । ଆମେନ୍ ।

# ଶୟତାନକୁ ପ୍ରତିବାଦ କରିବା ସୂତ୍ର

୧. ହେ ଶୟତାନ ମନୁଷ୍ୟମାନେ ତୋତେ ପ୍ରତିବାଦ କରିବା ସୂତ୍ର ନଜାଣି ତୋତେ ଭୟ କରୁଛନ୍ତି । ସେଥିପାଇଁ ତୁମ ପ୍ରଲୋଭନ କଲାବେଳେ, ପାପରେ ପଡ଼ିଯାଉଛନ୍ତି । ମୁଣ୍ଡ ଚୂର୍ଣ୍ଣ ହୋଇଥିବା ସର୍ପ ଲାଞ୍ଜ ହଲେଇବା ଦେଖି ଛୋଟ ପିଲାମାନେ ଭୟ କରିବେ ମାତ୍ର ବଡ଼ ଲୋକ ଭୟ କରିବେ ନାହିଁ । ସେପରି ଭାବେ ବିଶ୍ୱାସୀମାନେ ତୋ କାର୍ଯ୍ୟ ଦେଖି ଭୟ କରିବେ ନାହିଁ । ତୋଠାରେ ବଳ ନାହିଁ ବୋଲି ଜାଣିଛନ୍ତି । ତୋ ଉପରେ ଆମ ପ୍ରଭୁ ଜୟ କରିଛନ୍ତି ନା । ତାହା ଆମ ପକ୍ଷରେ ଥିବା ଜୟ ତେଣୁ ତୁମ ଉପରେ ଆମେ ଜୟ ପାଇଛୁ ।

୨. ହେ ଶୟତାନ, ଶୟତାନକୁ ପ୍ରତିବାଦ କର ତାହା ହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇବ (ଯାକୁବ ୪:୭) ବୋଲି ବାକ୍ୟ କହୁଅଛି ସେହି ବାକ୍ୟର ପ୍ରତିଜ୍ଞା ମୋତେ ଆଧାର । ହେଲେ ଏଥି ପୂର୍ବରୁ ମୁଁ ସେପରି କରିନାହିଁ । ତେଣୁ ତୁମେ ଅପମାନ କରି କଥା ହେଲ । ମୁଁ ଅଚଙ୍କିତ ହେଲି । ତେଣୁ ମୋତେ ଠିକ ଦର୍ଶନ ନ ଆସିବାକୁ ତୁମେ କାରଣ ନୁହଁ, ମୋ ଭୟ ହିଁ କାରଣ । ମୁଁ ମହାନ କାର୍ଯ୍ୟ କରୁଛି ବୋଲି ତୁମେ ଭାବୁଛ ।

୩. ହେ ଶୟତାନ, ମିଖାୟେଲ ଦେବଦୂତ ମୋଶା ଶରୀର ପାଇଁ ଯୁକ୍ତି କଲାବେଳେ ତୋତେ ପ୍ରତିବାଦ କରୁବାକୁ, ଗାଳି ଦେବାକୁ ଚେଷ୍ଟା କରିନଥିଲି, ସଦା ପ୍ରଭୁ ତୁମ୍ଭଙ୍କୁ ପ୍ରତିବାଦ କରନ୍ତୁ, ବୋଲି କହିଲା ପ୍ରଭୁ ମିଖାୟେଲକୁ ଗୋଟିଏ ବାକ୍ୟ ହିଁ ଦେଲେ । ତେଣୁ ସେ ଗୋଟିଏ ବାକ୍ୟରେ ସେ ତୁମକୁ ପ୍ରତିବାଦ କରିଥିଲା । ହେଲେ ବାଇବଲରେ ଅନେକ ବାକ୍ୟ ପ୍ରଭୁ ଆମକୁ ଦେଇଛନ୍ତି । ସେ ବାକ୍ୟ ଦ୍ୱାରା ତୁମକୁ ଧମକ ଦେବୁ ତେଣୁ ଶୁଣ ।

୪. ହେ ଶୟତାନ, ତୋତେ ପ୍ରତିବାଦ କରିବା ବୋଲି ବାକ୍ୟରେ ଅଛି, ତେଣୁ ତୁମକୁ ପ୍ରତିବାଦ କରିବାକୁ ଆମକୁ ଈଶ୍ୱରଙ୍କ ଅଧିକାର ଅଛି । ଆଉ ଈଶ୍ୱର, ଶୟତାନକୁ ଶୀଘ୍ର ତୁମ ପାଦ ତଳେ ଦଳି ପକାଇବେ । (ରୋମିୟ ୧୬:୨୦) ରେ ଲେଖାଯାଇଅଛି । ତୁମେ ତ୍ରିଏକ ଈଶ୍ୱରଙ୍କୁ ପ୍ରତିରୋଧ କରିଅଛ ସେଥିପାଇଁ ଆମେ ତୁମକୁ ପ୍ରତିବାଦ କରିଅଛୁ । ଆଉ ତୁମେ ଆମ ପ୍ରଭୁଙ୍କୁ କୃଶ ଉପରେ ଛଡ଼ାଇଥିଲ ଆମେ ତୁମକୁ ଆମ ପାଦ ତଳେ ପକାଇ ଦଳିବା ଦ୍ୱାରା ତୁମ ମସ୍ତିଷ୍କକୁ, ତୁମ ମୁହଁକୁ, ତୁମ ହସ୍ତକୁ, ତୁମ ପାଦକୁ, ତୁମ ପାର୍ଶ୍ୱକୁ ଦଳି ପକାଇଅଛୁ । ଏହିପରି କାର୍ଯ୍ୟ ତୁମେ ଆମ ପ୍ରଭୁଙ୍କୁ କ୍ରୁଶ ଉପରେ କରିନଥିଲ କି ? ଏବେ ଆମେ  ତୋତେ କରିଅଛୁ । ସର୍ପକୁ ମାରିବା ବେଳେ ଲୋକେ କୌଣସିଠାରେ ମଧ୍ୟ ମାରି ସନ୍ତୁଷ୍ଟ ହେବେ ନାହିଁ । ତାର ମୁଣ୍ଡକୁ ଚୂର୍ଣ୍ଣ କଲେ ହିଁ ଛାଡ଼ିବେ, ସେହିପରି ଭାବରେ ଆମେ ତୋତେ ଚୂର୍ଣ୍ଣ କରିଦେବୁ । ମାନେ ତୁମେ ତର ମସ୍ତକରେ ଚିନ୍ତିତ କରିଥିବା ଚିନ୍ତା ସବୁ ଚୂର୍ଣ୍ଣକରି, ତୁମେ ଚେଷ୍ଟା କରିବାକୁ ଦେବୁନାହିଁ ।

୫. ହେ ଶୟତାନ, ପ୍ରଭୁଙ୍କ ଠାରେ ଶକ୍ତିପ୍ରାପ୍ତ ହୋଇ ତାହାଙ୍କ ପରାକ୍ରମରେ ବଳବାନ ହୁଅ (ଏଫେସି ୬:୧୦) ବୋଲି

ଲେଖାଯାଇଅଛି । ତେଣୁ ଆମେ ପ୍ରତିବାଦ କଲେ ଗାଳି ଦେଲେ ମଧ୍ୟ ତୁମ ଚେଷ୍ଟା ସବୁ ଛିନ୍ନ ଭିନ୍ନ କଲେ ହିଁ ମୋ ପ୍ରଭୁଙ୍କ ବଳ ଦ୍ୱାରା ପରିବୁ, ଆମ ଇଚ୍ଛା ସଫଳ ହେବ, ତୁମ ଇଚ୍ଛା ଶୂନ୍ୟ ହେବ ।

୬. ହେ ଶୟତାନ, ତୁମେ ଆମ ପ୍ରଭୁଙ୍କୁ ଦେଖି ତୁମେ ପବିତ୍ର ବୋଲି କହିଲ (ଲୁକ ୪:୩୪) ସେତେବେଳେ ସେ କଣ କହିଲେ ? ଚୁପ କର କହିଲେ ଭଲ କଥା କହିଲେ ବି, ମନ୍ଦ କଥା କହିଲେ, ଆମେ ମଧ୍ୟ ପାଟି ଚୁପ କର କହିବୁ । ଆମକୁ ସେହିପରି ଅଧିକାର ଅଛି । ପ୍ରଭୁ ଯୀଶୁ ପବିତ୍ର, ତୁମେ ତାହାଙ୍କୁ କହିଥିବ କଥା ଠିକ୍, ମାତ୍ର ସେ ସ୍ୱୀକାର କରିନାହାନ୍ତି । ସେହିପରି ତୁମେ ଆମ ହୃଦୟରେ କୌଣସି ଭଲ କଥା କହିଲେ, ଆମେ ମଧ୍ୟ ସ୍ୱୀକାର କରିବୁ ନାହିଁ । ସେତେବେଳେ ତୁମେ ଲଜ୍ଜା ପାଇବ ।

୭. ହେ ଶୟତାନ, ଆମ ପ୍ରଭୁ ତୋତେ ଦେଖି ଶୟତାନ ମୋ ପଛକୁ ଯାଉବୋଲି ତୁଚ୍ଛ କରିଥିଲେ (ମାଥିଉ ୧୬:୨୦) ତକ୍ଷଣ ଚାଲିଗଲୁ, ପଛକୁ ନ ଦେଖି ଚାଲିଗଲୁ । ତୁମେ ଆମ ଚିନ୍ତାରେ, ଆମ ସ୍ୱପ୍ନରେ, ଆମ ଦର୍ଶନରେ, ଆମକୁ ଦେଖା ହେଲେ ଆମ ପ୍ରଭୁ କହିଥିବା କଥା ଆମେ ମଧ୍ୟ କହିପାରିବୁ । ସେତେବେଳେ ତୁମେ ଚାଲିଯିବାର ଅଛି । ତୁମେ ଆମ ପ୍ରଭୁଙ୍କ କଥା ଯୋଗୁଁ ଆସିଲେ ମଧ୍ୟ ଆମେ କଥା ଯୋଗୁଁ ତୁମେ ଚାଲିଯିବାର ଅଛି ।

୮. ହେ ଶୟତାନ କେହି ନ ଘଉଡ଼ାଇଲେ ହେଁ ଦୁଷ୍ଟ ପଳାଏ । (ହିତୋପଦେଶ ୨୮:୧) ରେ ଲେଖାଯାଇଅଛି ମନୁଷ୍ୟମାନଙ୍କ ଭିତରେ ରହିବା ଦୁଷ୍ଟ ଠାରୁ ଅଧିକ ଦୁଷ୍ଟ, ମନୁଷ୍ୟକୁ ଦୁଷ୍ଟ କରିଥିବା ଦୁଷ୍ଟ । ସେଥିପାଇଁ ତୁମେ ତୁରନ୍ତ ବେଗରେ ଦୌଡ଼ିଯିବାର ଅଛି । କେବେ ଆମେ ଏହିପରି ସମାବେଶ, ପ୍ରଭୁ କାର୍ଯ୍ୟ, ବାଇବଲ

ପଠନ କରି ଶୟତାନ ଆମ ସମାବେଶକୁ କାହିଁକି ଆସିଲ ବୋଲି କହି ତୁମକୁ ଚାଲିଯାଉ ବୋଲି ନ କହିଲେ ମଧ୍ୟ ତୁମେ ଚାଲିଯିବାର ଅଛି । ଆମ ପବିତ୍ର ପରମ୍ପରାକୁ ଦେଖି, ତୁମେ ସହିପାରିବ ନାହିଁ । ତେଣୁ ତୁମେ ଚାଲିଯିବାର ଅଛି । ସେହିପରି ତୁମ ଦୁଷ୍ଟତ୍ୱକୁ ଦେଖି, ଦେବ ଧୂତମାନେ ଆସି ତଡ଼ି ଦେବେ ବୋଲି ପୂର୍ବେ ହିଁ ଦୌଡ଼ିଯିବ ତେଣୁ ଆମକୁ ଜୟ, ତୁମକୁ ପରାଜୟ ଅପମାନ ।

୯. ହେ ଶୟତାନ, ଆମ ପ୍ରଭୁ ତମକୁ ଶୟତାନ ବୋଲି ନା ଦେଲେ, ସେ ନାମକୁ ତୁମେ ଠିକ୍ ବ୍ୟକ୍ତି ଅଟ । ମାନେ ତୁମ ନାମକୁ ବିଚାର ପାଇଁ ପାରିବା ବ୍ୟକ୍ତି ବୋଲି ଅର୍ଥ ଅଛି । (ମାଥିଉ ୪:୧୦) ତେଣୁ ଶୟତାନ ତୁମ ନାକୁ ଯାଉ ବୋଲି ଆଜ୍ଞାକୁ ସମ୍ପର୍କ ଅଛି ସେଥିପାଇଁ ତୁମେ ପଳାଇବା ବ୍ୟକ୍ତି ଅଟ, ରହିବା ବ୍ୟକ୍ତି ନାହିଁ । ସେ କଥା ଆମେ ମଧ୍ୟ ବ୍ୟବହାର କରିପାରିବୁ । ସେ କଥା ଆମ ପ୍ରଭୁ କହିଲାବେଳେ ତୁମେ ଯେପରି ଚାଲିଗଲ, ସେପରି ଆମେ ସେ କଥା କହିଲାବେଳେ ମଧ୍ୟ ତୁମେ ଚାଲିଯିବାକୁ ପଡ଼ିବ । ହେ ଶୟତାନ ତୁମେ କିପରି ବ୍ୟକ୍ତି ସେ ବିଷୟ ନ ଜାଣିବାପରି ଭଙ୍ଗ ବେଶରେ ଆସିବୁ ବୋଲି ବାଇବଲ ଗ୍ରନ୍ଥରେ କାହାଣୀ ଦ୍ୱାରା ଜାଣିପାରୁଛୁ ତୁମେ ଆତ୍ମା ସ୍ୱରୂପୀ ହେଲେ ମଧ୍ୟ ସର୍ପ ରୂପରେ, ଆମ ଆଦ୍ୟ ପିତା ମାତାଙ୍କ ନିକଟକୁ ଯାଇଥିଲୁ ନା । ତୁମେ କେତେ ଭଙ୍ଗ ବେଶରେ ଆସିଲେ ମାତ୍ର ଆମେ ଜାଣିପାରିବୁ । ଈଶ୍ୱରଙ୍କ ବାକ୍ୟଦ୍ୱାରା ତୁମ ନିଜ ସ୍ଥିତି କିପରି ଜଣାପଡ଼ିବ, ସେପରି ଆମ ପ୍ରଭୁଙ୍କ ଦ୍ୱାରା ମଧ୍ୟ ଜଣାପଡ଼ିବ, ଆମ ଅନୁଭବ ଦ୍ୱାରା ମଧ୍ୟ ଜଣାପଡ଼ିବ, ଆମ ଜ୍ଞାନ ଦ୍ୱାରା ମଧ୍ୟ ଜଣାପଡ଼ିବ । ତେଣୁ ତୁମେ ଲୁଚି ରିହପାରିବ ନାହିଁ । ସେଥିଯୋଗୁଁ, ଚୋର, ଚୋର ବୋଲି ପ୍ରକାଶ ହେଲେ ସେ କିପରି ଦୌଡ଼ିଯାଏ, ତୁମେ ମଧ୍ୟ ସେପରି ଦୌଡ଼ିଯିବ ।

୧୦. ହେ ଶୟତାନ, ଆମ ପ୍ରଭୁ ଏହି ଜଗତରେ ଥିଲାବେଳେ, ତାଙ୍କର ମୁଖ୍ୟ କାର୍ଯ୍ୟରେ, ଗୋଟିଏ କାର୍ଯ୍ୟ ଭୂତଙ୍କୁ ଛଡ଼ାଇବା ହିଁ । ସେ କାର୍ଯ୍ୟ ଆମକୁ ମଧ୍ୟ ସମର୍ପଣ କରିଛନ୍ତି । (ମାର୍କ ୧:୧୬) ତେଣୁ ଛଡ଼ାଇବା ଆମ କାର୍ଯ୍ୟ, ଚାଲିଯିବା ତୁମ କାର୍ଯ୍ୟ ।

୧୧. ହେ ଶୟତାନ ତୁମେ ଆମ ଉପରକୁ ଆକ୍ରମଣ କରିବ କହୁଅଛୁ, ଏ ବିଷୟ ଆମେ ଜାଣିନି କି ? ଆମେ ପ୍ରାର୍ଥନା କଲେ ତୁମେ ଆକ୍ରମଣ କରିବ ବୋଲି ଆମେ ଜାଣିଅଛୁ । ତୁମେ କହିବା ଦ୍ୱାରା ତୋ ଅଜ୍ଞାନ ଦେଖାଯାଉଅଛି ।

୧୨. ହେ ଶୟତାନ, ପ୍ରଥମ ଶତାବ୍ଦୀରେ, ସାରା ଜଗତ ପାଇଁ ପ୍ରଭୁ ଯୀଶୁଙ୍କ ଶିଷ୍ୟ, ଭକ୍ତମାନେ ପ୍ରାର୍ଥନା କଲେ ନାହିଁ କି ? ତେବେ ତୁମେ କୁଆଡ଼େ ଯାଇଅଛୁ । ଏବେ ଆମେ ପ୍ରାର୍ଥନା କରୁଥିବା ବେଳେ ପଚାରିବା ପାଇଁ ତୁ କିଏ ? ତୁ ଭୂତ ସେଥିପାଇଁ ତୁମ ବୁଦ୍ଧି ଦେଖାଉଅଛ ।

୧୩. ହେ ଶୟତାନ, ଡ଼ାକ୍ତର ମାର୍ଟିନ ଲୁଥେର ଲେଖିଥିବା ଛୋଟ ପ୍ରଶ୍ନୋତ୍ତରୀ କେବେ ହେଲେ ପଢ଼ିଛ କି ? ସେଥିରେ ତୃତୀୟ ବିନତୀର ଅର୍ଥ ଜଗତ, ଶୟତାନ ଇତ୍ୟାଦି ଈଶ୍ୱରଙ୍କ ଇଚ୍ଛା ନ ହେବା ନିମନ୍ତେ ନିବାରଣ କରିବାର ଅଟେ । ସେଥିପାଇଁ ତାହାକୁ ପ୍ରତିବାଦ କରିବାର ଅଛି ।

୧୪. ହେ ଶୟତାନ, ତୁମେ ଆମ ବିଶ୍ୱାସୀମାନଙ୍କୁ ଅଲଗା କରିବି ବୋଲି କହୁଅଛୁ । ସେପରି ଅଲଗା କଲେ, ଆମେ ଅନେକ ଅଞ୍ଚଳକୁ ଯାଇ ଉପସ୍ଥିତି ସଭା ରଖିବୁ, ସେତେବେଳେ ତୁମକୁ ଆହୁରି କଷ୍ଟ ନଷ୍ଟ ସାବଧାନ ।

୧୫. ହେ ଶୟତାନ, ସର୍ପୂଆ ବୀଣା ବଜାଇଲେ ସର୍ପ ବାହାରକୁ ଆସେ, ସର୍ପ କାହିଁକି ବାହାରକୁ ଆସିବ ? ମରିବା ପାଇଁ ଆସିବ । ସେପରି



Bible Mission HQ Guntur

ଭାବରେ ଆମ ପ୍ରାର୍ଥନା ସବୁ ଶୁଣି କ୍ରୋଧରେ ତୁମେ ବାହାରକୁ ଆସୁଅଛ । ତେଣୁ ତୁମ ନାଶ ନିକଟସ୍ଥ ହେଲା । ତାହା ତୁମେ ଜାଣୁନାହିଁ ।

୧୬. ହେ ଶୟତାନ, ତୁ ସ୍ତ୍ରୀ କିମ୍ବା ପୁରୁଷ ନାହିଁ । ସେଥିପାଇଁ ଥରେ ସ୍ତ୍ରୀ ଭାବରେ, ଅନ୍ୟଥିରେ ପୁରୁଷ ଭାବରେ କରି କଥାହେବୁ । ତୋତେ ସେତେ ନିମ୍ନ ଭାବରେ ଦେଖୁଅଛୁ । ହେଲେ ମଧ୍ୟ ତୁମକୁ ଲଜ୍ଜା ନାହିଁ ।

୧୭. ହେ ଶୟତାନ, ତୁମେ ଆମ ନିଜ ଅଙ୍ଗ ପ୍ରତ୍ୟଙ୍ଗ ଉପରେ ବାଣ ନିକ୍ଷେପ କରୁଅଛୁ, ତୋର ଆକାର ନାହିଁ, ହେଲେ ମଧ୍ୟ ତୋତେ ଆମ ପରି ଅଙ୍ଗ ପ୍ରତ୍ୟଙ୍ଗ ନିରାକାର ଭାବରେ ରହିଅଛି ବୋଲି ଜାଣି ତୁମ ନିରାକାର ଅଙ୍ଗ ପ୍ରତ୍ୟଙ୍ଗ ଉପରେ ଆମେ ବାଣ ନିକ୍ଷେପ କରୁଅଛୁ ।

୧୮. ହେ ଶୟତାନ, ତୋର ଦୂତମାନେ ତୋତେ ଦେଖି, ତୋ ଯୋଗୁଁ ଆମେ ମଧ୍ୟ ନଷ୍ଟ ହେଇଗଲୁ ବୋଲି ସେମାନେ ହୁଏତ ତୁମକୁ ପ୍ରତିବାଦ କରିପାରେ । ତେବେ ତୋତେ ଅଧିକ ବାଧ । ସେଥିପାଇଁ ତୁ କହିବୁ, ମୁଁ ପ୍ରଲୋଭନ କଲେ ମାତ୍ର ତୁମ୍ଭେମାନେ କାହିଁକି ପଡ଼ିଲେ ? ବୋଲି ତୁମେ କହିଲେ, ତେବେ ସେମାନଙ୍କ ବାଧା । ସେଥିପାଇଁ ତୁମକୁ ତୁମ ଦୂତମାନଙ୍କୁ ବାଧାପ୍ରାପ୍ତ ଭୋଗ ହେବ ।

୧୯. ହେ ଭୂତମାନେ, ବିଶ୍ୱାସୀମାନଙ୍କୁ ଉପରେ ବାଣ ନିକ୍ଷେପ କଲାବେଳେ, ସେମାନେ ମଧ୍ୟ ତୁମ ଉପରେ ବାଣ ନିକ୍ଷେପ କରିବେ ସେଥିପାଇଁ ତୁମ୍ଭମାନଙ୍କୁ ସଦାବେଳେ କ୍ରମାଗତ ବାଣ ତେଣୁ ତୁମେ ନିସ୍ତାର ହୋଇପାରିବ ନାହିଁ ।

୨୦. ହେ ଶୟତାନ, ଆଦାମ ଆରମ୍ଭ, ଜଗତ ନାଶ ପର୍ଯ୍ୟନ୍ତ ଜଗତରେ ପ୍ରବେଶ କରିଥିବା ପାପ ଗୁଡ଼ିକ ସହିତ, ତାହାର ପ୍ରତିଫଳ ଏଥି

ପର୍ଯ୍ୟନ୍ତ ତୁମ ସୁଖ ଉପରକୁ ଫିଙ୍ଗି ଦେଇଅଛୁ । ହେଲେ ଏବେ ତୁମ ଉପରକୁ ତୁମ ଦୂତମାନଙ୍କୁ ଉପରକୁ ଘୃଣା ଯୋଗ୍ୟ, କ୍ଷତିକାରକ ସବୁ ଫିଙ୍ଗିଦେଉଅଛୁ । ଯାହା ମଇଳା, ଆବର୍ଜନା, ଜନ୍ତୁମାନଙ୍କର, ପକ୍ଷୀ ମାନଙ୍କର, ଜୀବରାସୀ ମାନଙ୍କର, କୀଟ ମାନଙ୍କର, ମଇଳା ତୁମ ମୁଖ ଉପରକୁ ନିକ୍ଷେପ କରୁଅଛୁ । କଣ୍ଟା, ବନ୍ଧୁକ, ଗୁଳି, ଖଣ୍ଡେ ଗୁଡ଼ିକ, ବଛା ଗୁଡ଼ିକ, ମାରିବା ବଡ଼ି ଗୁଡ଼ିକ, ମାରିବା ପଥର ଗୁଡ଼ିକ, ତୁମ ଉପରକୁ ଫିଙ୍ଗିଦେଉଅଛୁ । ଜୀବରାସୀମାନଙ୍କ ସେବ ଗୁଡ଼ିକ ତୁମ ଉପରକୁ ଫିଙ୍ଗିଦେଉଅଛୁ । ତୁ କ୍ରୋଧିତ ହେବା ଯୋଗୁଁ, ଆମେ ମଧ୍ୟ କ୍ରୋଧିତ ଅଟୁ । ଏବେ ହେଲେ ମଧ୍ୟ ମନ ପରିବର୍ତ୍ତନ କର । ଶିର ସମ୍ବନ୍ଧିତ ପାଗଳ, ଇତ୍ୟାଦି ରୋଗ । କର୍ଣ୍ଣ ସମ୍ବନ୍ଧିତ ରୋଗ, ଚକ୍ଷୁ ସମ୍ବନ୍ଧିତ ରୋଗ, ମୁଖ ସମ୍ବନ୍ଧିତ ରୋଗ, ନିଶ୍ୱାସ ସମ୍ବନ୍ଧିତ ରୋଗ, ପାଦ ସମ୍ବନ୍ଧିତ ରୋଗ, ହସ୍ତ ସମ୍ବନ୍ଧିତ ରୋଗ, ଚର୍ମ ସମ୍ବନ୍ଧିତ ରୋଗ, ରକ୍ତ ସମ୍ବନ୍ଧିତ ରୋଗ, ନାକ ସମ୍ବନ୍ଧିତ ରୋଗ, ଶରୀର ସବୁ ଅଙ୍ଗର ସମ୍ବନ୍ଧିତ ରୋଗ, ମନର ଜାଗୃତ ଗଣ୍ଡଗୋଳ, ଅବିଶ୍ୱସ, ଭୟ, ବିରକ୍ତ, ଗୁଞ୍ଜନ, ସନ୍ଦେହ, ଆଗ୍ରହ, ଇର୍ଷା, ଚିନ୍ତା ଇତ୍ୟାଦି ସବୁ ତୋ ଉପରକୁ ଫୋପାଡ଼ି ଦେଉଅଛୁ ।

୨୧. ହେ ଶୟତାନ, ଆଦିସର୍ପ, ପ୍ରଖଣ୍ଡ ସର୍ପ, ଶୟତାନ, ଅପବାଦୀ, ପ୍ରଲୋଭନକାରୀ ଇତ୍ୟାଦି ତୁମ ନିକଟରେ ଗୋଟିଏ ବି ଭଲ ଅର୍ଥ ନୁହେଁ । ମନ୍ଦ ହିଁ ଅଛି । ତେଣୁ ଆନନ୍ଦ କରିବାକୁ ନାହିଁ । ତୁମ ନା ମନ୍ଦ ହଁ, ତୁମ ପରାଜୟ ମନ୍ଦ ହଁ, ତୋର ସବୁ କିଛି ମନ୍ଦ ହଁ । ସେଥିପାଇଁ ତୁମେ ଆମ ଉପରେ ଅଧିକାର କରିପାରିବ ନାହିଁ । ଆମ ଭିତରେ ମନ୍ଦ ଥିଲେ ହିଁ ତାହା ତୁମେ ଲଗାଇଥିବା ମନ୍ଦିତ ମାତ୍ର । ତୁମପରି ଆମେ ଆଣି ରଖିବାକୁ, ଆମେ ସୃଷ୍ଟି କରିଥିବା ମନ୍ଦିତା ନୁହେଁ । ହେ ଶୟତାନ ତୁମେ ଗର୍ବ କରିବାକୁ ନାହିଁ ।

୨୨. ହେ ଶୟତାନ, ମନୁଷ୍ୟମାନେ କେତେକ ତୁମ କଥା ମାନି ତୁମ ମପରି ଦୂତ ରୂପରେ ପରିବର୍ତ୍ତନ ହୋଇ, ମନୁଷ୍ୟମାନଙ୍କ ଭିତରେ ପ୍ରବେଶ କରି କ୍ଷତି କରୁଛନ୍ତି । ଏହି ମଧ ତୁମ ଦୁଷ୍ଟ କାର୍ଯ୍ୟ ଅଟେ ।

୨୩. ହେ ଶୟତାନ ତୋତେ ସତ୍ୟ କହିବା କେବେ ହେଲେ ଜଣା କି ? ନାହିଁ । ମାତ୍ର ମିଥ୍ୟା କହିବା ତୋତେ ସହଜରେ ଜଣା ତେଣୁ ସାବଧାନ ।

୨୪. ଦୁଷ୍ଟ ହୋଇଥିବା ହେ ଶୟତାନ ମୁଁ ଆତ୍ମା ସ୍ୱରୂପୀ, ବଳବାନ ବୋଲି ଭାବି ଦର୍ପ କରୁଅଛୁ । ତୋ ଦୃଷ୍ଟିରେ ମନୁଷ୍ୟମାନେ ହେଉଥିବା ଆମେ, ଦୁର୍ବଳ ଭାବରେ ଦେଖାଦେଉଅଛୁ ? ମାନେ, ବଳିଷ୍ଠ ସର୍ପ ଛୋଟ ପିମ୍ପୁଡ଼ି ଦ୍ୱାରା ଧରାପଡ଼ି ମରିଲା ବୋଲି ପଦ୍ୟ, ତୋତେ ଠିକ୍ ବର୍ତ୍ତିବ । ହୁଏତ ଆମେ ଆତ୍ମିକ ଜୀବନରେ ଦୁର୍ବଳ ରହିଥିଲେ ମଧ ଆମେ କରୁଥିବା ପ୍ରାର୍ଥନା ତୋତେ ଯନ୍ତ୍ରଣା ଦେଇ ବନ୍ଧନ କରି ରଖି ଖଣ୍ଡ ଖଣ୍ଡ କରିବ ବୋଲି ମନେ ରଖ । ହୁଏତ ତେବେ ହେଲେ ତୁମକୁ ବୁଦ୍ଧି ଆସିବ ।

୨୫. ହେ ଶୟତାନ ଆମେ ତୋତେ ପ୍ରତିବାଦ କଲାବେଳେ, ତୋର ସୈନ୍ୟ ସମସ୍ତଙ୍କ ପ୍ରତିବାଦ କଲାପରି, ଆମ ପ୍ରତିବାଦ ତୋତେ, ତୋର ସୈନ୍ୟମାନଙ୍କୁ ବର୍ତ୍ତିବ ।

# ଶିର ଛେଦନକୁ ଶିର ଛେଦନ

୧. ପ୍ରଧାନ ଦୂତ ମନରେ ମସ୍ତିଷ୍କରେ ଆଦ୍ୟରେ, ଈଶ୍ୱରଙ୍କୁ ସହିତ ସମାନ ବୋଲି ମନ୍ଦ ଚିନ୍ତା ଜନ୍ମାଇଲା ଏହା ତାହାର ମସ୍ତିଷ୍କରେ ଅଟେ ।

୨. ସେ ଦେବ ସଂକଳ୍ପକୁ ଭଗ୍ନ କରିବାକୁ ହବାରେ ଈଶ୍ୱରଙ୍କୁ ଆଜ୍ଞା ବିରୁଦ୍ଧରେ ଚିନ୍ତା ଜନ୍ମାଇଲା ଏହା ତାହାର ମସ୍ତିଷ୍କରୁ ଆସିଅଛି ।

୩ ଆଦାମ ହାବଙ୍କ ସାପଗ୍ରସ୍ଥ କରିବାକୁ ସେ ଚାହିଁଥିଲା ତାହା ତାର ମସ୍ତିଷ୍କରେ ଅଟେ ।

୪. ଅନେକ ପର୍ଯ୍ୟାୟ ମନୁଷ୍ୟରେ ପାପ କରିବାକୁ ଇଚ୍ଛା ଜନ୍ମାଉଅଛି । ସମସ୍ତେ ପର୍ଯ୍ୟାୟ ତାହା ଶୟତାନରେ ମସ୍ତିଷ୍କରୁ ଆସିଅଛି ବୋଲି ଗ୍ରହଣ କରିବାର ଅଛି । ଧନ୍ତ ସର୍ପ ମନୁଷ୍ୟକୁ ବୃଦ୍ଧାଙ୍ଗୁଳି ଉପରେ ଫୁଙ୍କି ଗାତ ଭିତରକୁ ଗଲେ ମଧ ସେହି ବିଷ ଶରୀର ସାରା ବ୍ୟାପି ପୋଚିଯାଏ । ସେପରି ଭାବରେ, ଆଦ୍ୟରେ ଶୟତାନ ଫୁଙ୍କିଥିବା ପାପ ଆଜି ପର୍ଯ୍ୟନ୍ତ ଆସୁଅଛି ଏହା ତାହାର ମସ୍ତିଷ୍କରେ ହିଁ ।

୫. ଦଶ ଆଜ୍ଞା ସ୍ମରଣ କରିବାରୁ କଣ ଜଣାପଡୁଅଛି ? ଈଶ୍ୱରଙ୍କୁ ଆଜ୍ଞା ବିରୁଦ୍ଧରେ ପାପ କରିବାକୁ ଇଚ୍ଛା ମନୁଷ୍ୟର ଜନ୍ମ ହେଉଅଛି । ଏହା ଶୟତାନର ମସ୍ତିଷ୍କରେ ହିଁ ।

୬. ଈଶ୍ୱର ନାହାନ୍ତି ବୋଲି ଚିନ୍ତା ଶୟତାନ କେତେକଙ୍କ ମଧରେ ଜନ୍ମୋଇଥିବାରୁ ସେମାନେ ନାସ୍ତିକ ହେଲେ ସେ ଚିନ୍ତାଧାରା ଶୟତାନର ମସ୍ତିଷ୍କରୁ ହିଁ ।

୭. ଈଶ୍ୱର କରିଥିବା ଉପକାର ସ୍ମରଣ କରି ପ୍ରଶଂସା କରିବାକୁ ପ୍ରସ୍ତୁତ ହୋଇ ବସିଥିବା ବିଶ୍ୱାସୀର ହୃଦୟ ଭିତରକୁ ଯାଇ, ସ୍ତୁତି କରିବା ବନ୍ଦ କରିବା ବ୍ୟକ୍ତି ଶୟତାନ । କଷ୍ଟ ପହଞ୍ଚିଲା ବେଳେ ସେ ପ୍ରଭୁଙ୍କ ଉପରେ ବିରକ୍ତ ଭାବ ଜନ୍ମାଇ ପ୍ରଶଂସାକୁ ବାଧାପ୍ରାପ୍ତ କରାଏ । ଗୋଟିଏ ପୁତ୍ର ହେଲେ ମଧ ସେ ପୁତ୍ରଙ୍କୁ ପ୍ରଭୁ ନେଇଗଲେ ସହି ପାରିଲେ ନାହିଁ ବୋଲି ଚିନ୍ତା ଜନ୍ମିଲେ କିପରି ଭାବରେ ସେ ପ୍ରଶଂସା କରିପାରିବ ସେ ଚିନ୍ତାଧାରା ଶୟତାନର ମସ୍ତିଷ୍କ ସମ୍ବନ୍ଧୀତ ଅଟେ ।

୮. ଘରେ ରହି ପ୍ରାର୍ଥନା କଲେ ହେବନାହିଁ କି ? ଗୀର୍ଜାକୁ କାହିଁକି ଯିବାର ଅଛି ବୋଲି ଚିନ୍ତାଧାରା କେତେକଙ୍କ ମଧ୍ୟରେ ଉତ୍ପନ୍ନ ହୁଏ । ଏହା ମଧ୍ୟ ଶୟତାନର ମସ୍ତିଷ୍କ ।

୯. ପାଠପଢ଼ା ପିଲାମାନଙ୍କ ମଧ୍ୟରେ, ଆମେ କାହିଁକି ପିତାମାତାଙ୍କ କଥା, ବଡ଼ମାନଙ୍କ କଥା ଶୁଣିବାର ଅଛି ? ଅନ୍ୟମାନେ କେତେ ବଡ଼ ହେଲେ ମଧ୍ୟ ଆମେ କାହିଁକି ନମସ୍କାର କରିବାର ଅଛି ବୋଲି କେତେକ ପିଲାମାନେ ତାହାଙ୍କ ଇଚ୍ଛାନୁସାରେ ଚାଲିଥାନ୍ତି ଏହିପରି ଚିନ୍ତାଧାରା ଶୟତାନର ମସ୍ତିଷ୍କର ଅଟେ ।

୧୦. ଗାଳି କରିବା, ପିଟିବା, ହତ୍ୟା କରିବା, ଏହିସବୁ ମନୁଷ୍ୟମାନଙ୍କରେ କେତେକ ମଧ୍ୟରେ ରହିଥିବା ଦୁର୍ଗୁଣ ଏହି ମଧ୍ୟ ଶୟତାନର ମସ୍ତିଷ୍କର ଅଟେ ।

୧୧. ପରିବାର ସମ୍ବନ୍ଧୀୟ କଳହ, ବିପଦ, ପାପ ଶୟତାନ ମସ୍ତିଷ୍କର ଜାତ ।

୧୨. ଭୋକ ହେଲେ ଅନ୍ୟ ଜଣଙ୍କ ଘରରୁ ଆଣି ଖାଇଲେ କ'ଣ ଭୁଲ ? ବୋଲି କେତେକ ଚୋରି କରନ୍ତି ଏହା ମଧ୍ୟ ଶୟତାନର ମସ୍ତିଷ୍କରୁ ଜାତ ।

୧୩. ଜଣଙ୍କୁ ଧମକାଇବା ତାହାର ଭୁଲ ବାହାରକୁ କରିବା ଗୁଣ ଅନେକଙ୍କଠାରେ ଅଛି ତାହାର ଜନ୍ମସ୍ଥାନ ଶୟତାନର ମସ୍ତିଷ୍କ ସବୁ ମିଥ୍ୟା ଶୟତାନ ସମ୍ବନ୍ଧୀୟ ।

୧୪. କେବଳ ବାଇବଲରେ ଥିବା ପାପ ନୁହେଁ ବାଇବଲରେ ଅନ୍ୟସ୍ଥାନ ମାନଙ୍କର ଲେଖାଯାଉଥିବା ପାପ ସବୁ ତାହାର ମସ୍ତିଷ୍କର ।

୧୫. କେବଳ ବାଇବଲରେ ଲେଖାହୋଇଥିବା ପାପ ନୁହେଁ ଆମ ଯୁଗ ପର୍ଯ୍ୟନ୍ତ ଆସୁଥିବା ନୂଆଁ ନୂଆଁ ପାପ ସବୁ ଶୟତାନର ମସ୍ତିଷ୍କ ଅଟେ ।।

୧୬. ଈଶ୍ୱରଙ୍କ ରାଜ୍ୟ ଜଗତରେ ବୃଦ୍ଧି ନ ହେବା ପରି ନିବାରଣ କରିବା ଶୟତାନର ମସ୍ତିଷ୍କର କାର୍ଯ୍ୟ ହିଁ ।

୧୭. ଅତି ମୁଖ୍ୟରେ ଖ୍ରୀଷ୍ଟଙ୍କ ମଣ୍ଡଳୀକୁ ବିଶ୍ୱାସ ନ କରିବା ପରି କରିବା ବ୍ୟକ୍ତି ଶୟତାନ, ତହିଁରେ ତାହାର ମସ୍ତିଷ୍କକୁ ଅଧିକ ସମ୍ବନ୍ଧ ଅଛି ।

୧୮. ପାପ ବସର୍ଜନ, ପରିତ୍ରାଣ ପାଇବା, ଆଗମନକୁ ପ୍ରସ୍ତୁତ ହେବା ବୋଲି ଏହି ତିନୋଟି ଖାଲି କଥା ବୋଲି ଜନ୍ମାଇବା ତାହା ମସ୍ତିଷ୍କର କାର୍ଯ୍ୟ ।

୧୯. ସ୍ୱର୍ଗ ନାହିଁ, ନରକ ନାହିଁ, ହେଡ଼େସ ନାହିଁ ବୋଲି ଭାବନା ଜନ୍ମାଇବା ତାହାର ମସ୍ତିଷ୍କର କର୍ତ୍ତବ୍ୟ ।

୨୦. ଏହା ଛଡ଼ା ଶାଖା ଉପଶାଖା ଭାବରେ ଥିବା ପାପ ଅନେକ ଅଛି ଏହା ମଧ ତାହାର ମସ୍ତିଷ୍କକୁ ସମ୍ବନ୍ଧୀତ ଅଟେ ।

୨୧. ଶୟତାନ ତାହାର ମନ୍ଦଦୂତ, ସମୂହମନେ, ଭୂତ ଅଛି ବୋଲି ଶିକ୍ଷା ମିଥ୍ୟା ବୋଲି କହିବା ତାହାର କାର୍ଯ୍ୟ ।

୨୨. ତାହା ଉପରେ ଲେଖାହୋଇଥିବା ଶୟତାନର ମନ୍ଦ ଚିନ୍ତା ମାତ୍ର ନୁହେଁ କର୍ଣ୍ଣ ଦୋଷ, ନେତ୍ର ଦୋଷ, ହସ୍ତ ଦୋଷ, ପାଦ ଦୋଷ ଇତ୍ୟାଦି ମଧ ତାହାର ମସ୍ତିଷ୍କ କାର୍ଯ୍ୟ ହିଁ ।

୨୩. ଉପରେ ଲିଖିତ ସମସ୍ତ ମିଶି ଶୟତାନର ମସ୍ତିଷ୍କ ହେବ, ଶୟତାନକୁ ଶରୀର ନାହିଁ । ଆମ ମସ୍ତିଷ୍କ ପରି ମସ୍ତିଷ୍କ ନାହିଁ । ହେଲେ ମଧ ନିରାକାର ଭାବରେ ଥିବା ଏହି ୨୩ ଦୁର୍ଗୁଣ ଅଛି ତାହାହିଁ ତାହାର ମସ୍ତିଷ୍କ ।

**ସୂଚନା :** ଭୟାନକ, ପାପ ଭରିତ ହୋଇଥିବା ଏହି ଶୟତାନର ଶିର ଛେଦନ କରିବାକୁ ପ୍ରତ୍ୟେକ ଖ୍ରୀଷ୍ଟୀୟ ବିଶ୍ୱାସୀ ଏହି ପ୍ରାର୍ଥନା କରିବା ଆବଶ୍ୟକ ।

# ପରିତ୍ୟାଗ ପତ୍ରିକା

ହେ ଶୟତାନ ତୁମେ ବୋଲେ ଆମକୁ ଇଚ୍ଛା ନାହିଁ । ସେଥିଯୋଗୁଁ ତୁମକୁ ପରିତ୍ୟାଗ ପତ୍ରିକା ଦେଉଅଛି । ଏହା ଆଗମନ ପର୍ଯ୍ୟନ୍ତ ଅମଳ ରହିବ । ତାହା ପରେ ଆମେ ତୁମକୁ ଦେଖା ଦେବୁ ନାହିଁ । ଆମ ପରିତ୍ୟାଗ ପତ୍ରିକା ଶାଶ୍ୱତ କାଳ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

## ଶୟତାନର ସର୍ପ ପଦ୍ୟ

ଶୟତାନ ସର୍ପ ସର୍ବ କାର୍ଯ୍ୟଠାରୁ
କ୍ଳେଶର ସହିତ । ମୃତ୍ୟୁ ତୁମକୁ
ନରମାନଙ୍କୁ ବାଧା । ଦେଉଥିବାବେଳେ ଲେଖାରେ
ପଡ଼ିଥିବା ଦଣ୍ଡ ଉପରେ । ପଡ଼ିବ ତୁମକୁ
ୟୁପ୍ରୋଟିସ ନଦୀଠରେ ଥିବା । ଭୂତମାନଙ୍କୁ
ହୋଇଥିବା ଦୁର୍ଗତି-ହେବ ତୁମକୁ
ବିଜ୍ଞାପିତ ପତ୍ରିକା ଘୋଷଣା କରିବା ପୂର୍ବ ହିଁ
କମ୍ପ ଭୟ ହେଉ ତୁମକୁ

ହେଡେସ ବୋଲି କଥା, ମୁଣ୍ଡ ବ୍ୟଥା । ତାଡ଼ନା ତୁମକୁ ହର୍ମିଗେଦ୍ଦନ ଯୁଦ୍ଧ । କମ୍ପାନ ତୁମକୁ ଶେଷ ହୋଇନଥିବା ଗାତ ଠୁନି । ତୁମକୁ ଅଗ୍ନି କୁଣ୍ଡ ଅନନ୍ତ ନିରାଶ ତୁମକୁ ।

# ସମର୍ପଣ ପ୍ରାର୍ଥନା ସ୍ତୁତି

ପିତା ପରମେଶ୍ୱର ମୋ ନିମନ୍ତେ ସମସ୍ତ ସୃଷ୍ଟି କରିଥିବା ପିତା, ପ୍ରତିଦିନ ଆମ୍ଭଙ୍କୁ ଆବଶ୍ୟକ ଥିବା ସବୁ ଦେଉଥିବା ପିତା । ମୁଁ ପାଇ ପାରିନଥିବା ସନ୍ତାନ ହେଲେ ମଧ୍ୟ, ମୋତେ ଦେଉଥିବା ପିତା । ମୋତେ ସୃଷ୍ଟି କରିଥିବା ପିତା, ମୋ ପ୍ରିୟ ହୋଇଥିବା ପିତା ! ମୋ ଈଶ୍ୱର ! ମୋ ପ୍ରଭୁ, ମୋର ପୋଷାକ, ମୋର ସର୍ବ ! ତୁମ୍ଭଙ୍କୁ ଅନେକ ନମସ୍କାର । ପିତା, ସୃଷ୍ଟି ଦ୍ୱାରା ମାତ୍ର ହିଁ ନୁହେଁ । ତୁମ୍ଭ ପୁତ୍ରଙ୍କ ଦ୍ୱାରା ମଧ୍ୟ, ମୋତେ ତୁମ ସନ୍ତାନ ଭାବରେ ମନୋନୀତ କରିଥିବାରୁ ତୁମ୍ଭକୁ ଅନେକ ଧନ୍ୟବାଦ ।

ତୁମ୍ଭ ଦାନ ଦ୍ୱାରା, ତୁମ୍ଭ ସହନ ଦ୍ୱାରା, ତୁମ୍ଭ ଚାଳନ ଦ୍ୱାରା, ଆମ କଷ୍ଟକୁ ଦୂର କରିବା କାର୍ଯ୍ୟ ଦ୍ୱାରା, ତୁମ ଆମ୍ଭମାନଙ୍କ କରିବା ଉପକାର ଦ୍ୱାରା, ମୋତେ ତୁମ୍ଭ ଦେଖାଇଥିବା ପ୍ରେମକୁ ସ୍ମରଣ କରି ତୁମ୍ଭକୁ ପ୍ରଶଂସା କରୁଅଛୁ । ମାତ୍ର ମୋ ସ୍ତୁତି ତୁମ୍ଭର ପ୍ରେମ ନିକଟରେ କି ପ୍ରକାରର । ମୋ ଅନ୍ତଃକରଣରେ ରହିଥିବା କୃତଜ୍ଞତା, ତୁମ୍ଭ ଅନନ୍ତ ପ୍ରେମ ନିକଟରେ କି ପ୍ରକାରର । ମୁଁ କୌଣସି କାର୍ଯ୍ୟକୁ ନ ଛୁଇଁ, କେବଳ ସ୍ତୁତି ମାତ୍ର କରୁଥିଲେ ସୁଧା ତାହା ମଧ୍ୟ ତୁମ ଦୟା ନିକଟରେ ବହୁତ ଅଳ୍ପ ଅଟେ । ସେ ଅଳ୍ପ ସ୍ତୁତିକୁ ମଧ୍ୟ ତୁମେ ହସ୍ତାର୍ପଣ ରୂପେ ପାଉଅଛ ସେଥିପାଇଁ ତୁମ୍ଭକୁ ଧନ୍ୟବାଦ । ତୁମେ ମୋତେ ଆଜି ପର୍ଯ୍ୟନ୍ତ ରକ୍ଷାକରି ଚଳାଇ ବୃଦ୍ଧି ଆଡ଼କୁ ନେଇ ଆସୁଥିବା ତୁମ ଶକ୍ତି ମନେପକାଇ ତାହା ପରେ ମଧ୍ୟ ଏହିପରି କାର୍ଯ୍ୟକରିବେ ବୋଲି ବିଶ୍ୱାସ କରି ତମକୁ ସ୍ତୁତି କରୁଅଛୁ । ମୋ ଜୀବନରେ ନିଶ୍ଚୟ ଭାବରେ ମୋତେ ସ୍ୱର୍ଗ ରାଜ୍ୟକୁ ପ୍ରବେଶ କରାଇବ ବୋଲି ଭରସା ରଖିଅଛି ତୁମ୍ଭକୁ ଧନ୍ୟବାଦ ।

୧. ଅନାଦି ପରମେଶ୍ୱର, ଅନନ୍ତ ପରମେଶ୍ୱର, ଉପସ୍ଥିତ ପରମେଶ୍ୱର, ସୃଷ୍ଟି ନହୋଇ ଉପସ୍ଥିତ ରହିଥିବା ପରମେଶ୍ୱର, ଏହି ତୁମ୍ଭ ମୋହନ ଗୁଣକୁ ଅନେକ ପ୍ରଶଂସା ।

୨. ଅନନ୍ତ ପରମେଶ୍ୱର, ତୁମେ ସଦାକାଳ ରହିପାରିବା ପରମେଶ୍ୱର ଅଟ୍ଟ, ତେଣୁ ତୁମ୍ଭକୁ ପ୍ରଶଂସା । ତୁମେ ସଦାବେଳେ ରହିଥିବା ପରମେଶ୍ୱର ତେଣୁ ତୁମ୍ଭଙ୍କୁ ଅନନ୍ତ ସ୍ତୁତି ।

୩. ଜୀବିତ ରହିଥିବା ଈଶ୍ୱର ! ମୋ ଜୀବନ, ମୋ ଦୁର୍ବଳତା ଯୋଗୁଁ ନିର୍ଜୀବ ଅବସ୍ଥାକୁ ଆସିଥିବା ବେଳେ ପୁନର୍ବାର ମୋ ଠାରେ ନୂତନ ଜୀବନ ପୂର୍ଣ୍ଣ କରିବୁ, ତେଣୁ ତୁମକୁ ନିତ୍ୟ ଜୀବନର ସ୍ତୁତି ।

୪. ଶକ୍ତିଶାଳୀ ହୋଇଥିବା ପରମେଶ୍ୱର, ମୋ ବିଷୟରେ କେତେ ମହାନ କଷ୍ଟର କାର୍ଯ୍ୟ ହେଲେ ମଧ, ଅସାଧର କାର୍ଯ୍ୟ ହେଲେ ମଧ କରିପାରିବୁ, ତେଣୁ ତୁମ୍ଭକୁ ମୋ ଶକ୍ତିପୂର୍ଣ୍ଣ ଧନ୍ୟବାଦ ।

୫. ଜ୍ଞାନୀ ହୋଇଥିବା ପରମେଶ୍ୱର, ତୁମ୍ଭେ ଜ୍ଞାନବାନ ଅଟ । ସେଥିପାଇଁ ମୋର କଷ୍ଟ ସବୁ, ମୋର ଇଚ୍ଛା ମୁଁ ତୁମ୍ଭକୁ କହିବା ପୂର୍ବେ ହିଁ ତୁମେ ଜାଣିଅଛ । ସେଥିପାଇଁ ତୁମେ ମୋ ଇଚ୍ଛା ସଫଳ କରିପାରିବ, ମୋ ଇଚ୍ଛା ସଫଳ କରିବା ପାଇଁ ଅନେକ ସମସ୍ୟା ନିବାରଣ ଭାବରେ ଥିଲେ ମଧ ସେ ସମସ୍ୟା ସବୁ ଦୂର କରି, ମୋ ଇଚ୍ଛା ସଫଳ କରିବାର ଜ୍ଞାନ ଉପାୟ ତୁମ୍ଭେ ପାଇଅଛୁ, ସେଥିପାଇଁ ମୋ ହୃଦୟ ପୂର୍ବକ ଧନ୍ୟବାଦ ।

୬. ପବିତ୍ର ହୋଇଥିବା ପରମେଶ୍ୱର, ତୁମେ ମତେ, ସମସ୍ତଙ୍କୁ ସୃଷ୍ଟି କରିଥିବାବେଳେ ପବିତ୍ର ରୂପେ ସୃଷ୍ଟି କରିଅଛୁ, ମାତ୍ର ପାପ ପ୍ରବେଶ ଯୋଗୁଁ, ଅପରିଷ୍କୃତ ହେଲା । ହେଲେ ମଧ ତୁମ ପବିତ୍ରତା ଅନୁଗ୍ରହ କରିପାରିବ । ସେଥିପାଇଁ ନିଷ୍କଳଙ୍କ ପବିତ୍ର ମନରେ ତୁମକୁ ସ୍ତୁତି କରୁଅଛୁ ।

୭. ପ୍ରେମ ସ୍ୱରୂପ ହୋଇଥିବା ପିତା, ଏହି ପୃଥିବୀସ୍ଥ ପିତା, ମାତା ତାହାଙ୍କର ସନ୍ତାନମାନଙ୍କୁ ପ୍ରେମ କରିବା ଠାରୁ, ତୁମେ ମୋତେ ଅଧିକ ପ୍ରେମ କରୁଅଛୁ, ସେଥିପାଇଁ ତୁମ୍ଭକୁ ମୋ ଧନ୍ୟବାଦ ।

୮. ନ୍ୟାୟ ସ୍ୱରୂପୀ ହୋଇଥିବା ପରମେଶ୍ୱର, ଭୁଲ ଭାବରେ ଥିଲାବେଳେ, ନ୍ୟାୟ ହେଲା ପ୍ରକାର ମତେ ଧମକ ଦେଇ, ପ୍ରେମ ସହିତ ଦଣ୍ଡ ଦେବା ପରମେଶ୍ୱର ଅଟୁ । ସେଥିପାଇଁ ତୁମ୍ଭକୁ ଧନ୍ୟବାଦ ଆଚରଣ କରିବା ନ୍ୟାୟଯୁକ୍ତ ହୋଇଅଛି । ତେଣୁ ତୁମ୍ଭକୁ ଧନ୍ୟବାଦ ଆଚରଣ କରୁଅଛୁ ।

୯. ନିରାକାର ହୋଇଥିବା ପରମେଶ୍ୱର, ମୋ ଦୁର୍ବଳତା ଯୋଗୁଁ, ମୁଁ ତୁମକୁ ଦେଖି ନ ପାରିଲେ ମଧ୍ୟ, ମତେ ପ୍ରୟୋଜନୀୟ ଶରୀର ଆକୃତି ଅନୁଗ୍ରହ କରିଅଛୁ, ସେଥିପାଇଁ ମୋ ଶରୀର ସହିତ, ମୋ ଆତ୍ମା ସହିତ ତୁମ୍ଭଙ୍କୁ ପ୍ରଶଂସା କରୁଅଛି ।

୧୦. ସର୍ବବ୍ୟାପୀ ହୋଇଥିବା ପିତା ! ତୁମେ ସ୍ୱର୍ଗଠାରୁ, ସବୁ ସ୍ଥାନରେ ରହିପାରିବ । ପରମେଶ୍ୱର ଅଟୁ ସେଥିପାଇଁ ତୁମକୁ ପ୍ରଶଂସା । ମୁଁ କେଉଁଠାରେ ରହିଲେ ମଧ୍ୟ, ତୁମେ ସେଠାରେ ଉପସ୍ଥିତ ରହିପାରିବ, ରହି ମତେ ସାହାଯ୍ୟ କରିପାରିବ, ମୁଁ ଏକାକୀ ରହିଅଛି ବୋଲି ଚିନ୍ତା ଦୂର କରିବା ପରମେଶ୍ୱର ଅଟୁ । ତେଣୁ ତୁମ୍ଭକୁ ଧନ୍ୟବାଦ । ସବୁ ସ୍ଥାନରେ ତୁମ୍ଭକୁ ଧନ୍ୟବାଦ ।

୧୧. ସ୍ୱାଧିନ ଭାବରେ ରହିଥିବା ପ୍ରଭୁ ! ସମସ୍ତ କାର୍ଯ୍ୟ ସ୍ୱୟଂ କରୁପାରିଥିବା ପିତା ତୁମ୍ଭଙ୍କୁ ପ୍ରଶଂସା । ମୁଁ ମଧ୍ୟ ସ୍ୱାଧୀନ ଭାବରେ କାର୍ଯ୍ୟ କରିପାରିବା ଶକ୍ତି ଅନୁଗ୍ରହ କରିପାରିବ । କେବଳ ତୁମ୍ଭ ଉପରେ ନିର୍ଭର କରି, ମୋ ସ୍ୱାଧୀନତା ଯୋଗୁଁ ମୋ କାର୍ଯ୍ୟ କରିପାରିବା ସ୍ଥିତି ଅନୁଗ୍ରହ କରିଅଛୁ, ସେଥିପାଇଁ ତୁମକୁ ପ୍ରଶଂସା । ସ୍ୱାଧୀନ ପୂର୍ବକ ସ୍ତୁତି । ତୁମ ଗୁଣ ସବୁ ମୋତେ ମଧ୍ୟ ଅନୁଗ୍ରହ କରିଅଛୁ, ତୁମ ଲକ୍ଷଣ ରୂପ, ତୁମେ ଇଚ୍ଛା ମୋତେ ଅନୁଗ୍ରହ କରିଅଛୁ, ସବୁ ଅନୁଗ୍ରହ କରି, ଗୋଟିଏ ସ୍ୱାଧୀନ ଲକ୍ଷଣ ମାତ୍ର ଅନୁଗ୍ରହ ନ କଲେ, ବଳକା ସବୁ ଦେଲେ ମଧ୍ୟ ପ୍ରୟୋଜନ ନାହିଁ । ସେଥିପାଇଁ ସ୍ୱାଧୀନ ଗୁଣ ଦେଇଥିବାରୁ ପ୍ରଶଂସା ।

୧୨. ପିତା, ପୁତ୍ର, ପବିତ୍ରାତ୍ମା ବୋଲି ନାମରେ ପ୍ରକାଶିତ ହୋଇଥିବା ତ୍ରିଏକ ପରମେଶ୍ୱର ପିତା, ତୁମ ପ୍ରକାଶନ ବିଷୟରେ ତୁମକୁ ଅନେକ ଧନ୍ୟବାଦ । ତୁମେ ମୋତେ ଲୁଚି ରିହବା ଈଶ୍ୱର ନୁହେଁ । ପ୍ରକାଶ ହେବା ଈଶ୍ୱର ଅଟୁ । ତୁମ ଲକ୍ଷଣ, ତୁମ କାର୍ଯ୍ୟ, ତୁମ ମହାନତା, ମୋତେ ପ୍ରକାଶ କରିବା ପରମେଶ୍ୱର ଅଟୁ । ତୁମକୁ ଧନ୍ୟବାଦ । ତୁମ୍ଭେ ଏକାକି ଭାବରେ, ତିନି ଜଣ ଭାବରେ ପ୍ରକାଶ ହେଇଅଛ । ତୁମ ଗୁପ୍ତକଥାକୁ ଆମେ ଜାଣିପାରିବୁ ନାହିଁ । ମାତ୍ର ବିଶ୍ୱାସ କରୁଅଛୁ । ମୁଁ ତୁମ ନିକଟକୁ ସ୍ୱର୍ଗକୁ ଆସିଲାବେଳେ ଜାଣିପାରିବି, ମୋ ସୀମିତ ଜ୍ଞାନ ସ୍ଥିତିରେ, ତୁମ୍ଭ ଅସୀମ ଜ୍ଞାନ ସ୍ଥିତିକୁ କିପରି ଜାଣିପାରିବି । ଅନନ୍ତ କାଳ ତୁମ୍ଭ ବିଷୟ ନୂଆଁ ନୂଆଁରେ ଜାଣି ପାରିବି । ତୁମ୍ଭ ପ୍ରକାଶନକୁ, ମୁଁ ଜାଣିବାକୁ ଅନ୍ତ ନାହିଁ । ସେଥିପାଇଁ ତୁମ୍ଭକୁ ଅନ୍ତ ନଥିବା ପ୍ରଶଂସା କରୁଅଛି ।

୧୩. ମହିମା ସ୍ୱରୂପୀ ! ଅନନ୍ତ ସ୍ୱରୂପୀ ତୁମ୍ଭ ମହିମା ସକାଶେ, ତୁମ୍ଭ ମୁଖ ଦର୍ଶନରେ, ତୁମ୍ଭ ଉପସ୍ଥିତିରେ ତୁମ୍ଭ ସହବାସରେ ବହୁତ ଆନନ୍ଦରେ ବିତାଇବା ସ୍ଥିତି ଦୟା କରିବ ବୋଲି ବିଶ୍ୱାସ କରି ତୁମ୍ଭକୁ ଅନେକ ଧନ୍ୟବାଦ କରୁଅଛି ।

୧୪. ଆମକୁ ଶରୀର ଅନୁଗ୍ରହ କରୁଥିବା ଈଶ୍ୱର ! ତୁମ୍ଭକୁ ଧନ୍ୟବାଦ । ଏହି ଶରୀର, ପାପ ଶରୀର, ହୋଇଥିବାରୁ ଏହାକୁ ପବିତ୍ର ଶରୀର ରୂପେ ପରିବର୍ତ୍ତନ କରୁଅଛୁ । ଶେଷକୁ ମୋତେ ମହିମା ଶରୀର ଦେଇ ତୁମ୍ଭ ନିକଟକୁ ଘେନିଯିବ । ତେଣୁ ତୁମ୍ଭକୁ ଧନ୍ୟବାଦ । ତୁମେ ତିନି ପ୍ରକାର ପ୍ରକାଶ ହୋଇଅଛୁ । ସେହିପରି ମୋତେ ମଧ୍ୟ ତିନି ପ୍ରକାର ସ୍ଥିତି ଅନୁଗ୍ରହ କରିଅଛୁ । ଜୀବନ, ଶରୀର, ଆତ୍ମା ଭଳି ତିନୋଟି ସ୍ଥିତି ଅନୁଗ୍ରହ କରିବାରୁ ଧନ୍ୟବାଦ । ଏହି ତିନି ପ୍ରକାର ବିଷୟ ମିଶ୍ରିତ କରି, ମୋତେ ଗୋଟିଏ ବ୍ୟକ୍ତି

ଭାବରେ ଠିଆ କରିଅଛୁ ସେଥିପାଇଁ ତୁମ୍ଭକୁ ପ୍ରଶଂସା । ମୁଁ ଗୋଟିଏ ପ୍ରକାର ସନ୍ତାନ ଭାବରେ ଅଛି, ଅନ୍ୟ ପ୍ରକାର ଭାବରେ ତିନି ପ୍ରକାର ତ୍ରିତ୍ୱ ଭାବରେ ଅଛି, ଏହି ପ୍ରକାର ଆଶ୍ଚର୍ଯ୍ୟ ସୃଷ୍ଟି ନିମନ୍ତେ ଧନ୍ୟବାଦ । ପିତା, ତୁମେ ମୋତେ ଦେଇଥିବା ସବୁ ସ୍ଥିର କରିବା ପରି ମୋତେ ସାହାଯ୍ୟ କରିବ ବୋଲି ବିଶ୍ୱାସ କରି ଧନ୍ୟବାଦ ଦେଉଅଛି ।

# ଆଗମନ ପ୍ରାର୍ଥନା ସ୍ତୁତି

୧. ଜଣେ ଯୁବକ ଦୂର ଦେଶରୁ ମୁଁ ଆସୁଅଛି ବୋଲି ଚିଠି ଲେଖିଲା । ସେହି ଯୁବକର ଘରେ ସମସ୍ତେ, ସେ ଚିଠି ଦେଖି ଆନନ୍ଦିତ ହୋଇ, ସେ ଯୁବକ ନିମନ୍ତେ ଅପେକ୍ଷା କରିବେ ନା, ସେହିପରି ପ୍ରଭୁ ଯୀଶୁ ଆସିବେ ବୋଲି କହିଲେ । ଆସିବି ବୋଲି କହିଥିବା ସେ ଯୁବକ ଆସିବ ନାହିଁ କି ? କେବେ ହେଲେ ଗୋଟେ ବେଳରେ ଆସିବ ନା । ସେ ଯୁବକର ଘର ଲୋକମାନେ ତାଙ୍କ ପାଇଁ ଅପେକ୍ଷା କରି ଦେଖିଲା ପରି ଆମେ ମଧ୍ୟ ପ୍ରଭୁ ଯୀଶୁଙ୍କ ଆଗମନ ପାଇଁ ଅପେକ୍ଷା କଲେ । ସେ ଆସିଲାବେଳେ ତାହାଙ୍କ ଆଗମନରେ ତାହାଙ୍କ ସହିତ ଉଡ଼ି ଯାଇପାରିବ ସେହିପରି ଅପେକ୍ଷା କରିପାରିବା ମନ ଅନୁଗ୍ରହ କରିବୁ ବୋଲି ବିଶ୍ୱାସ କରି, ହେ ପ୍ରଭୁ ତୁମ୍ଭକୁ ଧନ୍ୟବାଦ ଦେଉଅଛୁ ।

୨. ଜଣେ ଯୁବକ ଅମକ ଜାହାଜରେ ଆସୁଅଛି ବୋଲି ଲେଖିଥିଲା । ସେହି ଘରର ଲୋକମାନେ କାକିନାଡ଼ାକୁ ଜାହାଜରେ ଆସୁଥିବା ସେହି ବ୍ୟକ୍ତିଙ୍କୁ ମିଶିବାକୁ ଗଲେ । ଜାହାଜ ଆସିଲା ମାତ୍ର ସେ ଯୁବକ ସେ ଜାହାଜରେ ଆସି ନଥିଲା । ସେ ଘରର ଲୋକମାନେ

ସେ ଜାହାଜକୁ ଦେଖି, ସେ ବ୍ୟକ୍ତି ଆସିନଥିବାରୁ ଘରକୁ ଫେରିଗଲେ । ହେଲେ ସେ ବ୍ୟକ୍ତି ଦ୍ୱିତୀୟ ଜାହାଜରେ ଓହ୍ଲାଇଲା । ପରିବାରରୁ କେହି ମଧ୍ୟ ତାହାଙ୍କୁ ମିଶିବା ପାଇଁ ଆସିନଥିବାରୁ ସେ ବ୍ୟକ୍ତି ପଛକୁ ଚାଲିଯିବ ନା ସେ ଯୁବକ ଦ୍ୱିତୀୟ ଜାହାଜକୁ ଆସିଥିବା ପରି, ପ୍ରଭୁ ମଧ୍ୟ ଆସି ପ୍ରସ୍ତୁତ ରହିଥିବା ଲୋକମାନଙ୍କୁ ତାହାଙ୍କ ସହିତ ଉପରକୁ ଘେନିଯିବେ । ତେଣୁ ତାହାଙ୍କ ଆଗମନ ବିଳମ୍ବ ହୋଇଥିବାରୁ ଆମେ ମଧ୍ୟ ନରହି ତାହାଙ୍କ ସହିତ ଯିବାପାଇଁ ପ୍ରସ୍ତୁତ କରିବ ବୋଲି ବିନତି କରିବା ହେ ପ୍ରଭୁ ତୁମ ଆଗମନ ବିଳମ୍ବ ହେଲେ ଆମେ ପଛକୁ ଫେରିଯିବା ଲୋକମାନଙ୍କ କ୍ରମରେ ନରହି, ସଦାବେଳେ ପ୍ରସ୍ତୁତ ରହିବା ଅନୁଗ୍ରହ ଦୟା କରିବୁ ବୋଲି, ବିଶ୍ୱାସ କରି ତୁମ୍ଭଙ୍କୁ ପ୍ରଶଂସା କରୁଅଛୁ ।

୩. ଜଣେ ଯୁବକ ଯାତ୍ରା ନିମନ୍ତେ ଗୋଦାବରୀ ଷ୍ଟେସନକୁ ଆସିଲା ବେଳକୁ ଗାଡ଼ି ଚାଲିଗଲା । ସେ ତୁରନ୍ତ ବୁଦ୍ଧି ଶକ୍ତି ପାଇଁ ରାଜମହେନ୍ଦ୍ରି ଷ୍ଟେସନରେ ଗାଡ଼ି ଅଧଘଣ୍ଟା ସମୟ ରହିବ ବୋଲି ଜାଣି, ତୁରନ୍ତ ରିକ୍ସା ଭଡ଼ା କରି ବେଗରେ ଦୌଡ଼ାଇ ଷ୍ଟେସନକୁ ପହଁଞ୍ଚିଲା । ଶୀଘ୍ର ଟିକଟ କିଣି ଗାଡ଼ିରେ ପ୍ରବେଶ କଲା । ସେହିପରି ଆମେ ମଧ୍ୟ ବୁଦ୍ଧି ଶକ୍ତି ବ୍ୟବହାର କରି ଶୀଘ୍ର କାର୍ଯ୍ୟ ସବୁ ସମାପ୍ତ କରି ଆଗମନକୁ ପ୍ରସ୍ତୁତ ହେବାର ଅଛି । ସେ ଯାତ୍ରୀଙ୍କ ପରି ବୁଦ୍ଧି ଶକ୍ତି ବ୍ୟବହାର କରି ଆଗମନରେ ଯୋଗଦେବା ଅନୁଗ୍ରହ ଦୟା କରିବ ବୋଲି ବିଶ୍ୱାସ କରି ତୁମ୍ଭଙ୍କୁ ପ୍ରଶଂସା କରୁଅଛୁ ।

୪. କେତେକ ଲୋକ ଅନେକ କାର୍ଯ୍ୟ ଯୋଗାଡ଼ କରି, ସେହି କାର୍ଯ୍ୟରେ ବ୍ୟସ୍ତ ରହି, ସନ୍ତରଣ କରି ପ୍ରଭୁଙ୍କର ଆଗମନକୁ ଭୁଲିଯାନ୍ତି, ଏଥି ମଧ୍ୟରେ ସେ ଆସି ଅପେକ୍ଷା କରି ପ୍ରସ୍ତୁତ

ହୋଇଥିବା ଲୋକମାନଙ୍କୁ ନେଇ ଚାଲିଯିବେ । କାର୍ଯ୍ୟ ସମାପ୍ତ କରି ଠିକରେ ଦେଖିଲା ବେଳକୁ ଆଗମନ ଆସି ଚାଲିଯିବ । ସେହିପରି ସାରା ସମୟ କାର୍ଯ୍ୟ କାର୍ଯ୍ୟ ବୋଲି କାର୍ଯ୍ୟ ସହିତ କାଳ ବିତିବା ଲୋକମାନେ ଆଗମନରେ । ପ୍ରଭୁଙ୍କୁ ମିଶିପାରିବ ନାହିଁ । ଆମେ ସେହିପରି ଜଗତୀକ କାର୍ଯ୍ୟରେ ନ ପଡ଼ି ତୁମ ଆଗମନକୁ ନିସ୍ତାର ନ କରି ରହିବା ପାଇଁ ଅନୁଗ୍ରହ ଦୟା କରିବ ବୋଲି ବିଶ୍ୱାସ କରି ପ୍ରଶଂସା କରୁଅଛୁ ।

୫. ପ୍ରତିଦିନ ଆଗମନ ପ୍ରାର୍ଥନା, ଆଗମନ ବାକ୍ୟ, ଆଗମନ ଚିନ୍ତା ନ ପାଇଲେ ଆଗମନରେ ଉପରକୁ ଯାଇ ପାରିବନାହିଁ । ସଦାବେଳେ କୌଣସି କାର୍ଯ୍ୟ କଲେ, ଆଗମନ ଧ୍ୟାନ, ଆଗମନ ଚିନ୍ତା ପାଇଲେ ଆଗମନରେ ନିତ ହୋଇପାରିବ । ସେହିପରି ଆଗମନ ଚିନ୍ତା ସଦାବେଳେ ଆମଠାରେ ରଖିବ ବୋଲି ବିଶ୍ୱାସ କରିଅଛୁ । ତୁମକୁ ନିତ୍ୟ ସ୍ତୁତି ।

୬. ଜଣେ ସ୍ତ୍ରୀ ଛୋଟ ପିଲାଟିଏ ଅଛି । ସେହିପିଲା ଖେଳି ଖେଳି କାଦୁଅ କଲା । ସେ ପିଲାକୁ ମା ଜଳରେ ପରିଷ୍କାର କରି ଶୌଚ କଲା । ସେ ପିଲା ପୁନର୍ବାର ଖେଳି କାଦୁଅ କଲା । ପୁନର୍ବାର ମା ଜଳରେ ପରିଷ୍କାର କଲା, ଏପରି ଅନେକ ଥରେ ସେ ପିଲା ଖେଳି କାଦୁଅ କଲାବେଳେ, ସେହିପରି ମା ଅନେକ ଥର ପରିଷ୍କାର କରି ଶୌଚ କଲାପରି, ଆମେ ମଧ୍ୟ ମନ ଭିତରେ ପ୍ରବେଶ କରୁଥିବା, ମନ୍ଦି ଚିନ୍ତା ଶୀଘ୍ର ଯୀଶୁଙ୍କ ରକ୍ତରେ ସେହି ପାପକୁ ଶୌଚ କରିବା ଅଭ୍ୟାସ ରହିଥିବା ଉଚିତ । ଶୀଘ୍ର ଶୌଚ ନକଲେ ଡ଼େରି ହୋଇଯିବ, ସେଥିପାଇଁ ପାପ ଚିନ୍ତା ଆସିଲାବେଳେ ପାପରେ ପଡ଼ିଥିବା ସଙ୍ଗେ ସଙ୍ଗେ ପ୍ରଭୁଙ୍କ ରକ୍ତରେ ପବିତ୍ର ହେବାର ଅଛି । କେତେ ଥର ହେଲେ ମଧ୍ୟ ଯୀଶୁଙ୍କ ରକ୍ତ

ହିଁ ଜୟ ବୋଲି କହିବା ଅଭ୍ୟାସ ରହିବା ଉଚିତ । ହେ ପ୍ରଭୁ ଆମେ ସେପରି ଶୌଚ କରି ତୁମ୍ଭ ଆଗମନରେ ଯୋଗଦେବା ଅନୁଗ୍ରହ ଦୟା କରିବ ବୋଲି ବିଶ୍ୱାସ କରି ଧନ୍ୟବାଦ କରୁଅଛୁ ।

୭. ଦୂର ଯାତ୍ରା କରିବା ଲୋକମାନେ ସକାଳେ କଫି, ଅପରାହ୍ନରେ ଭୋଜନ, ଚାରିଘଣ୍ଟା ସମୟରେ ପୁନର୍ବାର କଫି ନେଲେ ହିଁ ଯାତ୍ରା କରିପାରିବେ । ସେହିପରି ଆମେ ମଧ ଭୋକ ଲାଗିଲାବେଳେ, ପ୍ରଭୁଙ୍କ ଶରୀର ରକ୍ତ ଭଳି ଆହାର ନେବା ଅନୁଭବ ନକଲେ ଆଗମନ ଯାତ୍ରା କରିପାରିବା ନାହିଁ । ତେଣୁ ପ୍ରଭୁ ଭୋଜନ ଗ୍ରହଣ କଲେ ଆଗମନରେ ଯାଇପାରିବୁ ହେ ପ୍ରଭୁ ତୁମେ ନିଯୁକ୍ତି କରିଥିବା ପ୍ରଭୁ ଭୋଜନକୁ ଅନୁଭବ କରି ବଳ ପାଇ ତୁମ୍ଭ ଆଗମନରେ ଯୋଗ ଦେଇ ଅନୁଗ୍ରହ ଦୟା କରିବ ବୋଲି ବିଶ୍ୱାସ କରି ତୁମ୍ଭଙ୍କୁ ସ୍ତୁତି କରୁଅଛୁ ।

୮. ଖ୍ରୀଷ୍ଟୀୟ ମଣ୍ଡଳୀ କେତେକ ଆଗମନ ନିକଟସ୍ଥ ବୋଲି କହୁଅଛନ୍ତି କିଛି ଲୋକ ମାତ୍ର ବିଶ୍ୱାସ କରୁଛନ୍ତି, ଆହୁରି କେତେକ ବିଶ୍ୱାସ କରୁନାହାନ୍ତି ହେ ପ୍ରଭୁ, ଯଦି ବିଶ୍ୱାସ ନ କରିଥିବା ଲୋକ, ବିଶ୍ୱାସ କଲେ ସେମାନଙ୍କ ଆଗମନ ପାଇଁ ପ୍ରସ୍ତୁତ କର । ବିଶ୍ୱାସ କରୁଥିବା ଲୋକଙ୍କୁ । ଆହୁରି ପ୍ରସ୍ତୁତ କର, ବିଶ୍ୱାସ ନ କରିବା ଲୋକଙ୍କୁ ବିଶ୍ୱାସ ଜନ୍ମାଅ, ବିଶ୍ୱାସ କରିବା ଲୋକଙ୍କୁ, ବିଶ୍ୱାସ ନ କରିବା ଲୋକଙ୍କୁ, ବିଶ୍ୱାସ କରିପାରି ନଥିବା ଲୋକଙ୍କୁ ତୁମ୍ଭ ଆଗମନ ପାଇଁ ପ୍ରସ୍ତୁତ କର । ଏହିପରି ତୁମ୍ଭ ମଣ୍ଡଳୀକୁ ଆଗମନକୁ ଆୟତ୍ତ କରିବୁ ବୋଲି ବିଶ୍ୱାସ କରି ସ୍ତୁତି ଅର୍ପଣ କରୁଅଛୁ ।

୯. ଜଣେ ମିଶନରେ ଚାଦର ବନେଇ ଅଳ୍ପ ବାକି ଅଛି, ଅତି ଶୀଘ୍ର ବନେଇ ଆସିବି ଯାଇ ଗାଡ଼ି ପାଇଁ ଟିକେଟ ନିଅ ବୋଲି କହିଲେ । ଚାଦରକୁ ଶୀଘ୍ର ବନାଇ ସମାପ୍ତ କରିବାକୁ ବିଳମ୍ବ ହେଲା । ଗାଡ଼ିକୁ ପହଞ୍ଚି ପାରିବି ବୋଲି ଭାବିଲା ମାତ୍ର କାର୍ଯ୍ୟ ଯୋଗୁଁ ବିଳମ୍ବ

ହୋଇଥିବା ସକାଶେ ସେ ଯିବାବେଳେ ସେହି ଗାଡ଼ି ଚାଲିଯାଇଥିଲା । ସେହିପରି କାର୍ଯ୍ୟ ଲିପ୍ତ ରହି ଗାଡ଼ି ଛାଡ଼ିଦେବା ବୋଲି ଆମେ ମଧ୍ୟ ଅନେକ କାର୍ଯ୍ୟରେ ବ୍ୟସ୍ତ ରହି ଆଗମନରେ ନ ଯାଇପାରି ପଛରେ ରହିଯିବୁ ହେ ପ୍ରଭୁ ତୁମ ଆଗମନ ବିଷୟରେ ସେପରି ଆମେ ଆଗ୍ରହ ନ ଦେଖାଇବା ପରି ଆମକୁ ପ୍ରସ୍ତୁତ କର ବୋଲି ବିଶ୍ୱାସ କରି ତୁମ୍ଭକୁ ନମସ୍କାର ଜଣାଉଛୁ ।

୧୦. ଜଣେ ଚାଷୀ କ୍ଷେତ୍ରରେ ଥିବା ଧାନ ମଧ୍ୟରୁ ଗୁଡ଼ି ବାଛି, ଫୋପାଡ଼ି ଦେଇ ଚାଲୁଣିରେ ଚଳାଇ, କୁଲା ଦ୍ୱାରା ବାଛି ଶୁଦ୍ଧ ଥିବା ଧାନକୁ ଜାଗ୍ରତ କରେ ସେହିପରି ଆମ ମଧ୍ୟରେ ଥିବା ମନ୍ଦ ଆଲୋଚନା ମନ୍ଦ କାର୍ଯ୍ୟ ଛୋଟ ପଥର ମଇଳା ପରି ପାପକୁ ଛାଣିବାର ଅଛି ଏବେ ଆମେ ଧାନ ବୀଜ ପରି ଆଗମନରେ ଉଠିପାରିବୁ ହେ ପ୍ରଭୁ, ସେହିପରି ଭାବେ ଆମ୍ଭକୁ ଆମେ ଶୁଦ୍ଧ କରିବାକୁ ସାହାଯ୍ୟ କରୁଥିବା ଯୋଗୁଁ ତୁମକୁ ସର୍ବଦା ପ୍ରଶଂସା ହେଉ ।

୧୧. ବିଜାତି ମାନଙ୍କ ମଧ୍ୟରେ ପ୍ରଭୁଙ୍କୁ ବିଶ୍ୱାସ କରୁଥିବା ଲୋକ ଅଛିନ୍ତି । ବିଶ୍ୱାସ କରୁନଥିବା ଲୋକ ମଧ୍ୟ ଅଛନ୍ତି । ସେମାନେ ପ୍ରସ୍ତୁତ ହେବେ କିପରି ? ଜଣେ କେହି ଯାଇ ସେମାନଙ୍କୁ ଆଗମନ ବିଷୟରେ ଶିକ୍ଷା ଦେବାର ଅଛି । ନ ହେଲେ ସେମାନଙ୍କ ବିଶ୍ୱାସ ହେବନାହିଁ । ସେମାନେ ପ୍ରସ୍ତୁତ ହେଲେ ମଧ୍ୟ ନ ହେଲେ ମଧ୍ୟ ସେମାନଙ୍କ ପ୍ରସ୍ତୁତ କରିବା ପାଇଁ ପ୍ରାର୍ଥନା କରୁଅଛୁ ।

୧୨. ସାଉଲ ରାଜା ତୈଳ ଅଭିଷେକ ଆତ୍ମା ପାଇଲେ ମଧ୍ୟ ଯୁଦ୍ଧରେ ଜୟ ହେଲେ ମଧ୍ୟ ଶେଷକୁ ନିଖୋଜ ହୋଇଯାଇଥିଲା । ସେହିପରି କେତେକ ଖ୍ରୀଷ୍ଟିୟାନ ଶେଷ ପର୍ଯ୍ୟନ୍ତ ଅତଏବ ଆଗମନ ପର୍ଯ୍ୟନ୍ତ ଭଲ ଭାବରେ ରହି ଆଗମନ ନିକଟ ବେଳେ ନିଖୋଜ ହୋଇ

ନିରାଶ ହୁଅନ୍ତି ଆମ୍ଭେ ସେହିପରି ଭାବେ ନ ହୋଇ ରକ୍ଷା କରିବ ବୋଲି ବିଶ୍ୱାସ କରି ତୁମ୍ଭକୁ ପ୍ରଶଂସା କରୁଅଛୁ ।

୧୩. କେବେ ହେଲେ ମଧ୍ୟ ପରିତ୍ରାଣ ବିଷୟରେ, ଆଗମନ ବିଷୟରେ, ନ ଶୁଣିଥିବା ଲୋକେ, ଶେଷ ଦିନରେ ଶୁଣି ପ୍ରସ୍ତୁତ ହୋଇପାରିବ । ଯେପରି ରେଲଗାଡ଼ି ଚଢ଼ିବା ପାଇଁ ବିଳମ୍ବରେ ବାହାରି କେତେକ ଦଉଡ଼ି ଆସି ରେଲଗାଡ଼ି ଘୁଞ୍ଚିବା ସମୟରେ ଚଢ଼ିଥାନ୍ତି ନା ! କ୍ରୁଶ କାଠ ଉପରେ ଚୋର ଏହି କ୍ଷଣରେ ମନ ପରିବର୍ତ୍ତନ କରିଥିଲା ନା ସେହିପରି ଆମ୍ଭେ ଆଗମନରେ ଯିବାପାଇଁ ଅନୁଗ୍ରହ ଦୟା କରିବ ବୋଲି ବିଶ୍ୱାସ କରି ତୁମକୁ ପ୍ରଶଂସା କରୁଅଛୁ ।

୧୪. ମରଣ ସମୟରେ କେତେକ ଲୋକ ମନ ପରିବର୍ତ୍ତନ କରି ବହୁ ଅଳ୍ପ ଲୋକ ଆଗମନ ପାଇଁ ପ୍ରସ୍ତୁତ ହେବେ । ତାହା ତୁମର ଅନୁଗ୍ରହ ଅଟେ ଆମ୍ଭକୁ ମଧ୍ୟ ସେହିପରି ଅନୁଗ୍ରହ ଦୟା କର ତୁମ୍ଭକୁ ନମସ୍କାର ।

୧୫. କେତେକ କାମ ମଧ୍ୟରେ ଥାଇ ସମାପ୍ତ କରିବାବେଳେ ଆଗମନ ଆସିବ, ଅଧା ଭୋଜନ ସମୟରେ ଯଦି ଆଗମନ ଆସେ ପ୍ରସ୍ତୁତ ହୋଇଥିବା ଲୋକେ ଉଠି ଚାଲିଯିବେ । ଆମ୍ଭେ ସେହି ସମୟସ୍ଥିତିରେ ଥିଲେ ମଧ୍ୟ ଆଗମନରେ ଉଠିଯିବାକୁ ଅନୁଗ୍ରହ ଦୟା କରିବୁ ବୋଲି ତୁମ୍ଭକୁ ନମସ୍କାର ।

୧୬. କେତେକ ନିଦ୍ରାରେ ଥିବାବେଳେ ଆଗମନରେ ଉଠିଯିବେ ସେଥିଯୋଗୁଁ ତୁମକୁ ଆମ ହୃଦୟ ପ୍ରଣାମ ।

୧୭. ଜଣେ ଅନ୍ୟ ଗ୍ରାମରେ କେହି ମରିଯାଇଛନ୍ତି ଶୁଣି କାନ୍ଦୁଥିବାବେଳେ ଆଗମନରେ ଉଠିଯିବେ ସେଥିଯୋଗୁଁ ତୁମକୁ ପ୍ରଶଂସା ।

୧୮. ଜଣେ ନିଜ ସ୍ଥାନକୁ ଯିବାକୁ ଅତଏବ ପୁତ୍ରୀ ପିତା ଘରକୁ ଯିବା ପାଇଁ ଇଚ୍ଛା କରେ ସେହିପରି ମଣ୍ଡଳୀ ପ୍ରଭୁଙ୍କ ଆଗମନ ପାଇଁ ଅପେକ୍ଷା କରିଅଛି ଅଥବା ବଧୂ ବରଙ୍କ ଆଗମନ ପାଇଁ ଅପେକ୍ଷା କରୁଅଛି, ଅପେକ୍ଷା କରୁଥିବା ମଣ୍ଡଳୀ ଆଗମନକୁ ଉଠିଯିବେ । ଅପେକ୍ଷା କରୁଥିବା ଲୋକେ ଆଗମନରେ ଉଠିବେ । ଆମ୍ଭେ ଅପେକ୍ଷା କରିବା ପାଇଁ ସମୟ ଦେବ ବୋଲି ବିଶ୍ୱାସ କରି ତୁମ୍ଭକୁ ପ୍ରଶଂସା କରୁଅଛି ।

୧୯. ସମୁଦ୍ରରେ ତରଙ୍ଗ ଦିବାରାତ୍ରୀ ପବନ ଯୋଗୁଁ ଶବ୍ଦକରେ, ସମୁଦ୍ର ତରଙ୍ଗକୁ ଠେଲୁଥିବା ପବନ ବୋଲି ପବିତ୍ର ଆତ୍ମା ଭକ୍ତମାନଙ୍କ ହୃଦୟକୁ ଦିବାରାତ୍ରୀ ଦୋହଲାଉ ଅଛି । ତେବେ ସେମାନେ ପରିତ୍ରାଣ ପାଇଁ ପ୍ରଶଂସା କରିବେ । ଏହି ଆଗମନ ଆସୁଅଛି ବୋଲି ପ୍ରଶଂସା କରି ଆନନ୍ଦିତ ହେବ । ହେ ପ୍ରଭୁ ଏହିପରି ସେହି ଦୁଇ ପ୍ରକାର ପ୍ରଶଂସା ଆମକୁ ଶିକ୍ଷା ଦିଅନ୍ତୁ ।

୨୦. ଈଶ୍ୱର ଯେବେ ତୁମେ ସୂର୍ଯ୍ୟ ଚନ୍ଦ୍ର ନକ୍ଷତ୍ର ମାନଙ୍କୁ ସୃଷ୍ଟି କରିଅଛ ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ତାହା ଆକାଶ ମଣ୍ଡଳୀରେ ଥାଇ ଆଲୋକିତ କରୁଅଛନ୍ତି ଜ୍ୟୋତିମାନେ ତାହାଙ୍କ ନିୟମିତ ମାର୍ଗରେ ଚାଲି ସ୍ଥିର ରହିବା ବୋଲି ଆଶୀର୍ବାଦରେ ତୁମ୍ଭ ଆଗମନକୁ ପ୍ରସ୍ତୁତ କରନ୍ତୁ ।

୨୧. ଈଶ୍ୱର ତୁମେ ସୃଷ୍ଟି କରି ଆମ ଭିତରେ ରଖିଥିବା ଆତ୍ମା ସଦାବେଳେ ତୁମକୁ ସ୍ମରଣ କରିବା ବୋଲି କରାନ୍ତୁ । ଆତ୍ମା ହୋଇଥିବା ତୁମ୍ଭ ସହିତ ଏକତ୍ର ହେବାକୁ ଅନୁଗ୍ରହ ଦୟା କରନ୍ତୁ, ଆମ ଆତ୍ମା ଦ୍ୱାରା ତୁମ୍ଭକୁ ପ୍ରଶଂସା କରିବା ଶକ୍ତି ଦୟା କରନ୍ତୁ । ଆମ ଆତ୍ମା ତୁମଠାକୁ ଆସିବା ପର୍ଯ୍ୟନ୍ତ ପରିତ୍ରାଣ ବିଷୟରେ,

ଆଗମନ ବିଷୟରେ ପ୍ରଶଂସା ଭାବ ଦୟା କରିବ ବୋଲି ବିଶ୍ୱାସ କରି ତୁମକୁ ପ୍ରଶଂସା ଧନ୍ୟବାଦ କରୁଅଛି ।

୨୨. ପ୍ରଭୁ ଆମ ଲିଖିତ ପ୍ରଶଂସାକୁ, ସତ୍ୟ ପ୍ରଶଂସା ଭାବରେ, ତୁମ ଇଚ୍ଛା ଜଣକ ପ୍ରଶଂସା ଭାବରେ ବଦଳି ଦିଅନ୍ତୁ । ଲିଖିତ ବିଷୟ କେବେ ହେଲେ ଲିଭିଦେଇ ପାରିବ ମାତ୍ର ଆମ ଆତ୍ମା ସାହାଯ୍ୟ ଦ୍ୱାରା ଆସିଥିବା ପ୍ରଶଂସା ନଷ୍ଟ ହେବନାହିଁ । ସେହିପରି ପ୍ରଶଂସା କରିବା ପାଇଁ ସାହାଯ୍ୟ କରିବ ବୋଲି ବିଶ୍ୱାସ କରି ତୁମ୍ଭର ବନ୍ଦନା କରୁଅଛୁ ।

୨୩. ହେ ପିତା ଲେଖା କେତେ ନିଶ୍ଚୟ କେତେ ସତ୍ୟ ଆମ ପ୍ରଶଂସା ମଧ୍ୟ ସେତେ ନିଶ୍ଚୟ ଭାବେ ସତ୍ୟ ଭାବରେ ରହିବା ପାଇଁ ଅନୁଗ୍ରହ ଦୟା କରନ୍ତୁ ।

୨୪. ପରିତ୍ରାଣ କେତେ ନିଶ୍ଚୟ, ଆଗମନ ମଧ୍ୟ ସେତେ ନିଶ୍ଚୟ, ଆମ ପ୍ରଶଂସା କରିବା, ପ୍ରସ୍ତୁତ ହେବା କେତେ ନିଶ୍ଚୟ ଭାବେ ରହିବା ପାଇଁ ଅନୁଗ୍ରହ ଦୟା କରନ୍ତୁ ।

୨୫. ଆମେ ସ୍ୱର୍ଗରାଜ୍ୟକୁ ଆସିବା ବେଳେ ଆମ ପୁରାତନ ଶରୀର ଏଇଠି ଛାଡ଼ି ଆସିବା, ଆମ ପ୍ରଶଂସାରେ ଆମ ପ୍ରସ୍ତୁତାରେ, ଆମ ବିଶ୍ୱାସରେ ଥିବା କଳଙ୍କ ଏଇଠି ଛାଡ଼ିବାକୁ ଶକ୍ତି ଦୟାକର ।

୨୬. ପ୍ରଭୁ ଆବ୍ରାହାମଙ୍କୁ ସହିତ, ମୁଁ ଦେଖାଇବା ଦେଶକୁ ଯିବା ପାଇଁ କହିବା ବେଳେ କିପରି ଯିବି ବୋଲି ପଚାରି ନଥିଲେ । ପୁଣି ସଦାପ୍ରଭୁ ଆବ୍ରାହମଙ୍କୁ ପୁତ୍ର ଦେବା ନିମନ୍ତେ ପ୍ରତିଜ୍ଞା କରିଥିଲେ । କିପରି ଦେବେ, କେବେ ଦେବେ ବୋଲି ପ୍ରଶ୍ନ କରିନଥିଲେ । ପ୍ରଭୁଙ୍କ କଥାରେ ବିଶ୍ୱାସ ରଖି ଚୁପ ରହିଲେ । ପୁତ୍ର ବିଳମ୍ବରେ ଜନ୍ମ ହେଲେ ମଧ୍ୟ ତାଙ୍କ ବିଶ୍ୱାସ ନଷ୍ଟ ହୋଇନଥିଲା । ସାରା

ବିଶ୍ୱାସ କରି ନଥିଲା ହସିବାରୁ ପ୍ରଭୁ ରାଗିଥିଲେ । ଆବ୍ରାହମ ମଧ୍ୟ ହସୁଥିଲେ ମାତ୍ର ପ୍ରଭୁଙ୍କ ଅସାଧ୍ୟ କିଛି ନାହିଁ ବୋଲି ବିଶ୍ୱାସ କରିଥିଲେ । ଆବ୍ରାହମଙ୍କୁ ପୁତ୍ର ଇସ୍ହାକ ଚିହ୍ନ ସ୍ୱରୂପରେ ଥିବା ପ୍ରଭୁ ଯୀଶୁଙ୍କ ଦ୍ୱିତୀୟ ଆଗମନ ନିମନ୍ତେ ୨୦୦୦ ବର୍ଷ ଠାରୁ ଅପେକ୍ଷା କରୁଅଛୁ । ଆମେ ପ୍ରାର୍ଥନା କରି ବିଶ୍ୱାସ କରି ବିରକ୍ତ ନ ହୋଇ ପ୍ରସ୍ତୁତ ହେବା । ଆଗମନ ନିମନ୍ତେ ପ୍ରସ୍ତୁତ ହେବା ନିମନ୍ତେ ଆବ୍ରାହମଙ୍କୁ ବିଶ୍ୱାସ ଦୟା କରିବ ବୋଲି ଜାଣି ତୁମ୍ଭଙ୍କୁ ନମସ୍କାର ଜଣାଉଛୁ ।

୨୭. ଇସ୍ହାକ ନାମକ ବର, ରିବିକା ନାମକ ବଧୂଙ୍କୁ ଗ୍ରାମକୁ ଯାଇ ନଥିଲେ । ଏଲିଏଜର ନାମକ ଆବ୍ରାହମଙ୍କ ଜଣେ ସେବକ ବଧୂକୁ ଘେନି ଆସିଥିଲେ । ବଧୂଙ୍କ ଗ୍ରାମଠାରୁ ବରଙ୍କ ଗ୍ରାମ ବହୁତ ଦୂର । ସେହିପରି ମେଘ ଉପରେ ସୂର୍ଯ୍ୟରେ ଥିବା ନୀତିବାନ ହୋଇଥିବା ପ୍ରଭୁ ଯୀଶୁଙ୍କ ଠାରୁ ପୃଥିବୀରେ ଥିବା ମଣ୍ଡଳୀ ମଧ୍ୟରେ ବହୁତ ଦୂର । ଏଲିଏଜର ପବିତ୍ର ଆତ୍ମାଙ୍କ ଚିହ୍ନ ସ୍ୱରୂପ । ଏଲିଏଜର ରିବିକାଙ୍କୁ ଗହଣା ଦେବା ପରି ପବିତ୍ର ଆତ୍ମା ମଣ୍ଡଳୀକୁ ଦାନ ରୂପକ ଗହଣା ଦେଇ ପ୍ରସ୍ତୁତ କରି ସଜାଉ ଅଛନ୍ତି ।

ବର୍ତ୍ତମାନ ସେହି କାର୍ଯ୍ୟ ହେଉଅଛି । ଆଗମନ ମଣ୍ଡଳୀରେ ଥିବା ଆମ୍ଭମାନଙ୍କ ପବିତ୍ର ଆତ୍ମା ପ୍ରସିଦ୍ଧ କରିବେ । ରିବିକା ମଧ୍ୟ ନିଜକୁ ନିଜେ ପ୍ରସ୍ତୁତ ନହୋଇ ପାରିବା ବୋଲି, ଆମ୍ଭେ ମଧ୍ୟ ନିଜକୁ ନିଜ ନିଜେ ବଧୂ ସଦୃଶ୍ୟ ପ୍ରସ୍ତୁତ ହୋଇପାରିବା ନାହିଁ । ଏଲିଏଜର ପଥିକ ମନ କରି ରେବିକା ଜଳ ଢ଼ାଳିଲା । ହେ ପ୍ରଭୁ ! ଏଲିଏଜର ରେବିକା ନାମକ ବଧୂଙ୍କ ପ୍ରସ୍ତୁତ କରି ଇସ୍ହାକ ନିକଟକୁ ଘେନିଗଲା ପରି ପବିତ୍ର ଆତ୍ମା ପୃଥିବୀର ଥିବା ମଣ୍ଡଳୀ ରୂପକ ବଧୂକୁ ପ୍ରସ୍ତୁତ କରି ମେଘମାଳାରେ ଥିବା ତୁମ୍ଭ

ନିକଟକୁ ଘେନି ଆସିବ । ସେହି ମଣ୍ଡଳୀରେ ଆମ୍ଭେ ମଧ୍ୟ ରହିବା ପରି ତୁମ୍ଭ କୃପା ଦୟାକର । ଏଲିଏଜର ସହିତ ଯିବକି ବୋଲି ରେବିକାକୁ ନିଜ ଲୋକ ପଚାରିବାବେଳେ, ସେ ଯିବି ବୋଲି ଉତ୍ତର ଦେଇଥିଲା । ଭାବନା କରି କହିବି ବୋଲି କହିନଥିଲା, ମୁଣ୍ଡ ନୁଆଁଇ ନଥିଲା, ଯିବା ପାଇଁ ନିଶ୍ଚୟ କରିଥିଲା । ଏଲିଏଜର ସହିତ ଯିବା ପାଇଁ ପ୍ରସ୍ତୁତ, ଗହଣା ପିନ୍ଧିବାକୁ ପ୍ରସ୍ତୁତ, ଜଳ ଢ଼ାଳିବା ପାଇଁ କହିବାବେଳେ ତାଙ୍କ ଓଟମାନଙ୍କୁ ଜଳ ଢ଼ାଳିବା ପାଇଁ ପ୍ରସ୍ତୁତ । ଘରେ କାହାକୁ ପଚାରିବା ପୂର୍ବରୁ ପ୍ରସ୍ତୁତ ବୋଲି କହିଥିଲା । ସେହିଭଳି ମଣ୍ଡଳୀ ରୂପକ ବଧୂ ରେବିକା ଭଳି ପ୍ରଭୁଙ୍କ ଆଗମନକୁ ସମସ୍ତ ବିଷୟରେ ପ୍ରସ୍ତୁତ ରହି ପ୍ରସ୍ତୁତ ପ୍ରଭୁ ବୋଲି କହିବା ଉଚିତ । ସେହିପରି ଆମ୍ଭେ ସମସ୍ତ ବିଷୟରେ ପ୍ରସ୍ତୁତ ରହିବା କୃପା ଦୟାକରିବ ବୋଲି ବିଶ୍ୱାସ କରି ତୁମ୍ଭଙ୍କୁ ସ୍ତୁତି ଓ ଧନ୍ୟବାଦ ଦେଉଅଛୁ ।

୨୮. ଗୋଟିଏ ଗ୍ରାମକୁ ବଡ଼ ଚାକିରିଆ ଆସୁଛନ୍ତି ବୋଲି ଗ୍ରାମ ମୁଖିଆ ଘୋଷଣା କଲେ, ସେମାନେ ଆସିବା ରାସ୍ତାରେ ମଇଳା ଓ ଆବର୍ଜନା ସଫା କରିବା ପାଇଁ ଓ ଗୃହର ବର୍ହିଭାଗ ପରିଷ୍କାର କରିବା ନିମନ୍ତେ କହନ୍ତି । ଏହି ସମସ୍ତ ଖର୍ଚ୍ଚ ଗ୍ରାମ ମୁଖିଆ ବହନ କରନ୍ତି ନାହିଁ । ଲୋକେ ନିଜେ ନିଜେ ସେହି ଖର୍ଚ୍ଚ ବହନ କରନ୍ତ । ସେହି ପ୍ରକାର ଚିହ୍ନ ସବୁ ପ୍ରଭୁ ଯୀଶୁ ଆସୁଅଛନ୍ତି ବୋଲି ପ୍ରକାଶ କରୁଅଛି । ହେଲେ ସୁସମାଚାର ପ୍ରଚାରକମାନେ, ତୁମ୍ଭ ହୃଦୟ ଶୁଦ୍ଧିକର, ତୁମ୍ଭ ଭୁଲ ଗ୍ରହଣ କର, ପ୍ରସ୍ତୁତ ହୁଅ ବୋଲି ଉପଦେଶ ଦିଅନ୍ତୁ ମାତ୍ର ସେମାନେ ମନୁଷ୍ୟମାନଙ୍କୁ ହୃଦୟ ମଧ୍ୟକୁ ଯାଇ ତାହା ପରିଷ୍କାର କରିବେ ନାହିଁ । ନିଜକୁ ନିଜେ ପ୍ରସ୍ତୁତ ହେବା ଉଚିତ, ନିଜକୁ ନିଜେ ପ୍ରାର୍ଥନା କରିବା ଉଚିତ, ନିଜକୁ ନିଜେ

ଆଗମନ ବାକ୍ୟ ଶିକ୍ଷା କରିବା ଉଚିତ । ହେ ପ୍ରଭୁ ! ଆମ୍ଭେ ନିଜକୁ ନିଜେ ପ୍ରସ୍ତୁତ ହେବା ନିମନ୍ତେ ଶକ୍ତି ଓ ସହାୟ ଦୟା କରନ୍ତୁ ତୁମ୍ଭଙ୍କୁ ସ୍ତୁତି ଓ ଧନ୍ୟବାଦ ।

୨୯. ସଙ୍କେତ ଆସିଲା ପରେ ଆଗମନ ହେବ ବୋଲି ଖ୍ରୀଷ୍ଟିୟାନ ମନେ କହୁଅଛନ୍ତି, ଏହି ସଙ୍କେତ ସଦାବେଳେ ଗୋଟିଏ ପ୍ରକାର ଅଛି । ଏହି ସଙ୍କେତ ଏହା ପୂର୍ବରେ ଅଛି କିଛି ଲୁପ୍ତନ ନାହିଁ ବୋଲି ଅପହାସ କରୁଥିବା ମାନଙ୍କ ପାଇଁ ପ୍ରାର୍ଥନା କରୁଥିବାର ଅଛି । ଏଥିପାଇଁ ଭକ୍ତ ଲୋକ ସଂକେତ କ'ଣ କେଉଁ ବର୍ଷରେ କେଉଁ ଦେଶର ହେଲେ ମଧ୍ୟ ଅନ୍ୟ ନୂତନ ସଙ୍କେତ କ'ଣ ଘଟିଲା, ମଧ୍ୟ ବାଇବଲରେ ନଥିବା ଅନ୍ୟ ସଂକେତ ଲିଖିତ ହେବା ପାଇଁ ପ୍ରାର୍ଥନା କରିବାର ଅଛି । ଏହା ସାରା ଜଗତ ଜାଣିବା ପରି ଭକ୍ତମାନେ ଅତି ଶୀଘ୍ର ଲେଖନ କରିବା ପାଇଁ ପ୍ରାର୍ଥନା କରିବାର ଅଛି । ହେ ପ୍ରଭୁ ଏହିପରି ଭକ୍ତମାନଙ୍କୁ ଉଠାଇ ଆଗମନର ସଂକେତ ଜଗତକୁ ଦେଖାଇବା ପାଇଁ କୃପା ଦୟା କରିବ ବୋଲି ବିଶ୍ୱାସ କରି ତୁମ୍ଭକୁ ଧନ୍ୟବାଦ ଦେଉଅଛୁ ।

୩୦. ଜଗତରେ କେତେକ ଲୋକ ସୁସମାଚାର ପତ୍ରିକା ମୁଦ୍ରଣ କରି ଅନେକଙ୍କୁ ପଠାଉଛନ୍ତି ସେହିପରି ପତ୍ରିକାରେ କେତେକ ନୂତନ କାଳ ବିଷୟ ଜଣାପଡୁଅଛି ।

୧. ଅନ୍ୟ କେତେକ ଦ୍ୱିତୀୟ ଆଗମନ ବିଷୟରେ ଜଣାପଡୁଅଛି ।

୨. କେତେକରେ ଭବିଷ୍ୟତବାଣୀ ବିଷୟ ଜଣାପଡୁଅଛି । ଉର୍ଦ୍ଧ୍ୱସ୍ତ ତିନି ପ୍ରକାର ପତ୍ରିକା ସେମାନେ ଉଚିତ ଭାବେ ଅନେକଙ୍କୁ ପଠାଉଛନ୍ତି ଏହି ସବୁକୁ ପ୍ରଭୁ ଆଶୀର୍ବାଦ କରୁଥିବା ଯୋଗୁଁ ତାହାଙ୍କୁ ପ୍ରଶଂସା ।

୩୧. ଖ୍ରୀଷ୍ଟଧର୍ମ ଆରମ୍ଭ ହୋଇ ୧୯ ଶତାବ୍ଦୀ ହୋଇଅଛି । ଏହି ୧୯ ଶତାବ୍ଦୀରେ କେଉଁ କେଉଁ ବିଷୟ ଘଟିଅଛି, କେତେ ଲୋକ ଖ୍ରୀଷ୍ଟିୟାନ ହେଲେ, କେତେ ଆଗମନ ସଙ୍କେତ ଘଟିଅଛି । କେଉଁ ସଂକେତ କେଉଁ କାଳରେ ଘଟିଅଛି, ଏହି ସଂକେତ ଘଟିବା ବେଳେ ତାର କାର୍ଯ୍ୟ କ'ଣ, ସେହି ସଂକେତ ଦ୍ୱାରା ପ୍ରଭୁଙ୍କର କ'ଣ ମହିମା ହୋଇଅଛି, ଏହି ପ୍ରକାରେ ଜଗତରେ ଘଟୁଥିବା, ଏବଂ ବର୍ତ୍ତମାନ ଘଟୁଥିବାର ବିଷୟ ଗୋଟିଏ ପୁସ୍ତକରେ ଆଜ୍ଞା ଲେଖି ରଖିଥିଲେ । ସେହି ପୁସ୍ତକକୁ ଜାଗ୍ରତରେ ଲୁଚି କରିଥିଲେ । କେହି ଜଣେ ଆସି ନେଇଛନ୍ତି ବୋଲି ଜାଣି ସେହି ପୁସ୍ତକ ବିଷୟରେ ଉଲେଖିବାରେ ପଠାଇବେ ବୋଲି କହିଲେ । ଏବେ ପର୍ଯ୍ୟନ୍ତ ପଠାଇନାହାନ୍ତି । ସେହି ପୁସ୍ତକ ଯଦି ମିଳେ, ଆଗମନର ସଂକେତ ସବୁ ସେଥିରେ ଅଛି । ସେଥିଯୋଗୁଁ କେତେ କାର୍ଯ୍ୟ ମଧ୍ୟ କରିପାରିବ, ଅତି ଶୀଘ୍ର ସେହି ପୁସ୍ତକ ପାଇବା ପାଇଁ ପ୍ରାର୍ଥନା କରନ୍ତୁ । ସେହି ପୁସ୍ତକ ପାଇଲେ ଅନ୍ୟ ଏବଂ ଖ୍ରୀଷ୍ଟିୟାନ ମାନେ କିପରି ଅଛନ୍ତି କ'ଣ ପାଇଁ ଅଛନ୍ତି ଜଣାଯିବ ।

**ପ୍ରାର୍ଥନା :** ଦୟାମୟ ପିତା ତୁମ୍ଭ ଆଗମନକୁ କେତେକ ପ୍ରସ୍ତୁତ ହୋଇନାହାନ୍ତି, କେତେକ ପ୍ରସ୍ତୁତ ହୋଇପାରିବ ନାହିଁ ବୋଲି ଭାବୁଅଛନ୍ତି, କେତେକ ପ୍ରସ୍ତୁତ ହେବା ପାଇଁ ଚେଷ୍ଟା କରୁଅଛନ୍ତି, ମାତ୍ରେ ପ୍ରସ୍ତୁତ ହୋଇପାରୁନାହାନ୍ତି । ସେଥିଯୋଗୁଁ ଆମ ସମସ୍ତଙ୍କୁ ତୁମ ଆଗମନ ପାଇଁ ପ୍ରସ୍ତୁତ କରାଇ ତୁମ ସହିତ ଆମେ ସମସ୍ତେ ଯିବାକୁ ଅନୁଗ୍ରହ କରି ପ୍ରସ୍ତୁତ କରାଇ ସ୍ଥିର କରନ୍ତୁ । ଆମେନ୍ ।

# ପ୍ରକାଶିତ ପୁସ୍ତକର ସ୍ତୁତି

୧. (ପ୍ରକାଶିତ ୧:୬) ଯେ ଆମ୍ଭମାନଙ୍କ ପ୍ରେମ କରି ଆପଣ ରକ୍ତ ଦ୍ୱାରା ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପାପରୁ ମୁକ୍ତ କରିଅଛନ୍ତି, ପୁଣି ଆମ୍ଭମାନଙ୍କ ଗୋଟିଏ ରାଜକୁଳ ପରି ଆପଣ ଈଶ୍ୱର ଓ ପିତାଙ୍କ ନିକଟରେ ଯାଜକ ସ୍ୱରୂପେ ନିଯୁକ୍ତି କରିଅଛନ୍ତି, ତାହାଙ୍କ ଗୌରବ ଓ ପରାକ୍ରମ ଯୁଗେ ଯୁଗେ ହେଉ । ଆମେନ୍ ।

୨. (ପ୍ରକାଶିତ ୪:୮) ଭୟ କରନାହିଁ, ଆମ୍ଭେ ପ୍ରଥମ ଓ ଶେଷ, ପୁଣି, ସ୍ୱୟଂଜୀବୀ, ଆମ୍ଭେ ମୃତ ହେଲୁ, ଆଉ ଦେଖ, ଆମ୍ଭେ ଯୁଗେ ଯୁଗେ ଜୀବିତ ଅଟୁ, ପୁଣି, ଆମ୍ଭର ହସ୍ତରେ ମୃତ୍ୟୁ ଓ ପାତାଳର ଚାବିଅଛି ।

୩. (ପ୍ରକାଶିତ ୪:୮) ୪ ପ୍ରାଣୀ କରିଥିବା ସ୍ତୁତି :- ଯେ ସର୍ବଶକ୍ତିମାନ, ଯେ ଅତୀତ, ବର୍ତ୍ତମାନ ଭବିଷ୍ୟତ, ସେହି ପ୍ରଭୁ ଈଶ୍ୱର ପବିତ୍ର, ପବିତ୍ର, ପବିତ୍ର, ପ୍ରାଣୀମାନେ ଯେତେବେଳେ ସେହି ସିଂହାସନ ଉପବିଷ୍ଟ ନିତ୍ୟ ଜୀବିତ ବ୍ୟକ୍ତିଙ୍କୁ ଗୌରବ ସମ୍ଭ୍ରମ ଓ ଧନ୍ୟବାଦ ଦିଅନ୍ତି ।

୪. (ପ୍ରକାଶିତ ୪:୧୦:୧୧) ୨୪ ପ୍ରାଚୀନମାନେ କରିଥିବା ସ୍ତୁତି:- ସିଂହାସନ ଉପବିଷ୍ଟ ବ୍ୟକ୍ତିଙ୍କ ଛାମୁରେ ଉବୁଡ଼ ହୋଇ ନିତ୍ୟ ଜୀବତ ବ୍ୟକ୍ତିଙ୍କୁ ପ୍ରଣାମ କରନ୍ତି ଓ ସିଂହାସନ ସମ୍ମୁଖରେ ଆପଣା ଆପଣା ମୁକୁଟ ଥୋଇଦେଇ କହନ୍ତି, ଆମ୍ଭମାନଙ୍କ ପ୍ରଭୁ ଓ ଈଶ୍ୱର, ତୁମ୍ଭେ ଗୌରବ, ସମ୍ଭ୍ରମ ଓ ପରାକ୍ରମ ପାଇବାକୁ ଯୋଗ୍ୟ ଅଟେ, ତୁମ୍ଭେ ସମସ୍ତ ସୃଷ୍ଟି କରିଅଛ, ଆଉ ତୁମ୍ଭେ ଇଚ୍ଛାରେ ସେହି ସବୁ ସତ୍ତା ପ୍ରାପ୍ତ ହୋଇ ସୃଷ୍ଟି ହୋଇଅଛି ।

୫. (ପ୍ରକାଶିତ ୫:୯) ୪ ପ୍ରାଣୀ, ୨୪ ପ୍ରାଚୀନମାନେ :-ସେମାନେ ଗୋଟିଏ ନୂତନ ଗୀତ ଗାନ କରି କହିଲେ, ତୁମେ ସେହି ପୁସ୍ତକ ନେବାକୁ ଓ ସେଥିରେ ମୁଦ୍ରାସବୁ ଭାଙ୍ଗିବାକୁ ଯୋଗ୍ୟ ଅଟେ, କାରଣ ତୁମେ ହତ ହୋଇଥିଲ, ପୁଣି ଆପଣା ରକ୍ତ ଦ୍ୱାରା ସର୍ବଗୋଷ୍ଠୀ, ବଂଶ ଓ ଜାତି ମଧ୍ୟରୁ ଈଶ୍ୱରଙ୍କ ନିମନ୍ତେ ଲୋକମାନଙ୍କ କରିଅଛ, ପୁଣି, ସେମାନଙ୍କ ଆମ୍ଭମାନଙ୍କ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ରାଜ କୁଳ ଓ ଯାଜକ କରିଦେଇଅଛ, ଆଉ ସେମାନେ ପୃଥିବୀ ଉପରେ ରାଜତ୍ୱ କରିବେ ।

୬. (ପ୍ରକାଶିତ ୫:୧୨) (ଦେବ ଦୂତମାନଙ୍କର ସ୍ତୁତି) ସେମାନେ ଉଚ୍ଚ ସ୍ୱରରେ କହିଥିଲେ, ପରାକ୍ରମ, ଧନ, ଜ୍ଞାନ, ଶକ୍ତି, ସମସ୍ତ ଗୌରବ ଓ ପ୍ରଶଂସା ଗ୍ରହଣ କରିବାକୁ ହାତ ହୋଇଥିବା ମେଷଶାବକ ହିଁ ଯୋଗ୍ୟ ଅଟନ୍ତି ।

୭. (ପ୍ରକାଶିତ ୫:୧୩-୧୪) (ସମସ୍ତ ସୃଷ୍ଟି କରିଥିବା ସ୍ତୁତି) ତା ମଧ୍ୟରେ ଥିବା ସମସ୍ତେ ଏହା କହୁଥିବା ଶୁଣିଲି, ପ୍ରଶଂସା ସମ୍ଭ୍ରମ, ଗୌରବ ଓ କର୍ତ୍ତାପଣ ଯୁଗେ ଯୁଗେ ସିଂହାସନୋପବିଷ୍ଟ ବ୍ୟକ୍ତିଙ୍କର ଓ ମେଷଶାବକଙ୍କର । ସେଥିରେ ଚାରି ପ୍ରାଣୀ କହିଲେ, ଆମେନ୍, ପ୍ରାଚୀନମାନେ ଉବୁଡ଼ ହୋଇ ପ୍ରଣାମ କଲେ ।

୮. (ପ୍ରକାଶିତ ୬:୯-୧୦) (ହାତସାକ୍ଷୀମାନେ କରିଥବ ସ୍ତୁତି) ସେମାନେ ଉଚ୍ଚ ସ୍ୱରରେ ଡ଼ାକ ପକାଇ କହୁଥିଲେ, ହେ ପବିତ୍ର ଓ ସତ୍ୟ ପ୍ରଭୁ, ଆଉ କେତେ କାଳ ତୁମ୍ଭେ ବିଚାର ନ କରି ପୃଥିବୀ ନିବାସୀମାନଙ୍କଠାରୁ ଆମ୍ଭମାନଙ୍କ ରକ୍ତର ପରିଶୋଧ ନେବ ?

୯. (ପ୍ରକାଶିତ ୭:୧୦) (ରକ୍ଷାପ୍ରାପ୍ତ ହେଇଥିବା ୧୪୪ ହଜାର ଲୋକ କରିଥିବା ସ୍ତୁତି) ସେମାନେ ଉଚ୍ଚସ୍ୱରରେ କହୁଅଛନ୍ତି, ପରିତ୍ରାଣ, ସିଂହାସନ ଉପବିଷ୍ଟ ଆମ୍ଭମାନଙ୍କ ଈଶ୍ୱରଙ୍କର ଓ ମେଷଶାବକଙ୍କ କାର୍ଯ୍ୟ ।

୧୦. (ପ୍ରକାଶିତ ୭:୧୧-୧୨) (ଦୂତ ମାନଙ୍କର ସ୍ତୁତି) ପୁଣି, ସମସ୍ତ ଦୂତ ସିଂହାସନ, ପ୍ରାଚୀନବର୍ଗ ଓ ଚାରିପ୍ରାଣୀଙ୍କ ଚତୁର୍ଦ୍ଦିଗରେ ଉଭା ହୋଇଅଛନ୍ତି ଆଉ ସିଂହାସନ ସମ୍ମୁଖରେ ଉବୁଡ଼ ହୋଇପଡ଼ି ଈଶ୍ୱରଙ୍କ ପ୍ରଣାମ କରି କହୁଅଛନ୍ତି, ଆମେନ୍, ପ୍ରଶଂସା, ଗୌରବ, ଜ୍ଞାନ, ଧନ୍ୟବାଦ, ସମ୍ଭ୍ରମ, ପରାକ୍ରମ ଓ ଶକ୍ତି ଯୁଗେ ଯୁଗେ ଆମ୍ଭମାନଙ୍କ ଈଶ୍ୱରଙ୍କର, ଅମେନ୍ ।

୧୧. (ପ୍ରକାଶିତ ୧୦:୬) (ସ୍ୱର୍ଗରୁ ଓହ୍ଲାଇ ଆସିଥିବା ବଳିଷ୍ଠ ଦୂତ) ଯେ ସ୍ୱର୍ଗ, ପୃଥିବୀ, ସମୁଦ୍ର ଓ ତନ୍ମଧ୍ୟସ୍ଥ ସମସ୍ତ ବିଷୟ ସୃଷ୍ଟି କରିଅଛନ୍ତି, ସେହି ନିତି ଜୀବଙ୍କ ନାମରେ ଶପଥ କରି କହିଲେ, ଆଉ ବିଳମ୍ବ ନାହିଁ ।

୧୨. (ପ୍ରକାଶିତ ୧୧:୧୫) (ସ୍ୱର୍ଗରୁ ଓହ୍ଲାଇ ଆସିଥିବା ଶବ୍ଦ) ଜଗତ ଉପରେ ରାଜତ୍ୱ ଆମ୍ଭମାନଙ୍କ ପ୍ରଭୁଙ୍କର ଓ ଖ୍ରୀଷ୍ଟଙ୍କର ହସ୍ତଗତ ହୋଇଅଛି, ଆଉ ସେ ଯୁଗେ ଯୁଗେ ରାଜତ୍ୱ କରିବେ ।

୧୩. (ପ୍ରକାଶିତ ୧୧:୧୭-୧୮) (୨୪ ପ୍ରାଚୀନ କରିଥିବା ସ୍ତୁତି) ହେ ପ୍ରଭୁ, ସର୍ବଶକ୍ତିମାନ ଈଶ୍ୱର, ବର୍ତ୍ତମାନ ଓ ଅତୀତ ଯେ ତୁମ୍ଭ, ଆମ୍ଭେମାନେ ତୁମ୍ଭର ଧନ୍ୟବାଦ କରୁଅଛୁ, କାରଣ ତୁମ୍ଭ ଆପଣା ମହାଶକ୍ତି ଧାରଣ କରି ରାଜତ୍ୱ ଗ୍ରହଣ କରିଅଛୁ । ଅଣଯିହୁଦୀମାନେ କ୍ରୁଦ୍ଧ ହୋଇଥିଲେ, କିନ୍ତୁ ତୁମ୍ଭର କ୍ରୋଧ ଉପସ୍ଥିତ ହେଲେ, ପୁଣି ମୃତମାନଙ୍କ ବିଚାର କରିବା ସମୟରେ ଏବଂ

ତୁମ୍ଭର ଦାସ ଭାବବାଦୀମାନଙ୍କୁ, ସାଧୁମାନଙ୍କୁ ଓ ତୁମ୍ଭ ନାମର ଭୟକାରୀ ସାନ ବଡ଼ ସମସ୍ତ ଲୋକଙ୍କ ପୁରସ୍କାର ଦେବାର ଆଉ ପୃଥିବୀ ବିନାଶକାରୀମାନଙ୍କୁ ବିନାଶ କରିବାର ସମୟ ଉପସ୍ଥିତ ହେଲା ।

୧୪. (ପ୍ରକାଶିତ ୧୨:୯) (ସ୍ୱର୍ଗରୁ ଆସିଥିବା ଶବ୍ଦ) ସେଥିରେ ସର୍ବଜଗତର ପ୍ରବଞ୍ଚକ ଦିଆବଲ ଓ ଶୟତାନ ନାମରେ ଖ୍ୟାତ ଯେ ପ୍ରକାଣ୍ଡ ସର୍ପ, ସେହି ପୁରାତନ ନାଗ, ସେ ଆପଣା ଦୂତମାନଙ୍କ ସହିତ ପୃଥବୀରେ ନିକ୍ଷିପ୍ତ ହେଲା ।

୧୫. (ପ୍ରକାଶିତ ୧୨:୧୦-୧୨) (ସ୍ୱରରେ) ସେତେବେଳେ ମୁଁ ସ୍ୱର୍ଗରେ ଏହି-ଉଚ୍ଚ ସ୍ୱର ଶୁଣିଲି, ବର୍ତ୍ତମାନ ଆମ୍ଭମାନଙ୍କର ଈଶ୍ୱରଙ୍କ ପରିତ୍ରାଣ, ପରିତ୍ରାଣ ଓ ପରାକ୍ରମ ରାଜ୍ୟ ପୁଣି, ତାହାଙ୍କ ଖ୍ରୀଷ୍ଟଙ୍କର କର୍ତ୍ତାପନ ଉପସ୍ଥିତ ହୋଇଅଛି, କାରଣ ଆମ୍ଭମାନଙ୍କ ଭାଇମାନଙ୍କ ଅପବାଦକ, ଯେ ଦିବାରାତ୍ର ସେମାନଙ୍କ ବିରୁଦ୍ଧରେ ଆମ୍ଭମାନଙ୍କ ଈଶ୍ୱରଙ୍କ ଛାମୁରେ ଅଭିଯୋଗ କରୁଥିଲା, ସେ ତଳେ ନିକ୍ଷିପ୍ତ ହୋଇଅଛି । ଆଉ ସେମାନେ ମେଷଶାବକଙ୍କ ରକ୍ତ ଓ ଆପଣା ଆପଣା ସାକ୍ଷ୍ୟର ବାକ୍ୟ ଦ୍ୱାରା ତାହାକୁ ଜୟ କରିଅଛନ୍ତି, ପୁଣି, ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଆପଣା ଆପଣା ପ୍ରାଣକୁ ପ୍ରିୟ ଜ୍ଞାନ କରିନଥିଲେ ।

୧୬. (ପ୍ରକାଶିତ ୧୪:୭) (ଦୂତ କରିଥିବା ସ୍ତୁତି) ଈଶ୍ୱରଙ୍କୁ ଭୟକର ତାହାଙ୍କୁ ଗୌରବ ଦିଅ, କାରଣ ତାହାଙ୍କ ବିଚାର ସମୟ ଉପସ୍ଥିତ, ପୁଣି, ଯେ ଆକାଶ, ପୃଥିବୀ, ସମୁଦ୍ର ଓ ନିର୍ଝରିଣୀ ସମୂହ ସୃଷ୍ଟି କରିଅଛନ୍ତି, ତାହାଙ୍କୁ ପ୍ରଣାମ କର ।

୧୭. (ପ୍ରକାଶିତ ୧୪:୮) (ଅନ୍ୟ ଦୂତ) ଅର୍ଥାତ୍ ଦ୍ୱିତୀୟ ଦୂତ ଆସି କହିଲେ, ଯେଉଁ ମହାନଗରୀ ବବିଲ ସମସ୍ତ ଜାତିଙ୍କୁ ଆପଣା ବ୍ୟଭିଚାରର କାମରୂପ ସୁରପାନ କରାଇଅଛି, ସେ ପତିତ, ଅଧଃପତିତ ହୋଇଅଛି ।

୧୮. (ପ୍ରକାଶିତ ୧୫:୩-୪) ସେମାନେ ଈଶ୍ୱରଙ୍କ ନାମ ମୋଶା ଓ ମେଷଶାବକଙ୍କୁ ଗୀତ ଗାତ କରି କହୁଅଛନ୍ତି, ହେ ପ୍ରଭୁ, ସର୍ବଶକ୍ତିମାନ ଈଶ୍ୱର, ତୁମ୍ଭର କର୍ମସମୂହ ମହତ ଓ ଆଶ୍ଚର୍ଯ୍ୟ, ହେ ଜାତିସମୂହର ରାଜା, ତୁମର ପଥ ସମସ୍ତ ନ୍ୟାୟ ଓ ସତ୍ୟ । ହେ ପ୍ରଭୁ, କିଏ ତୁମ୍ଭକୁ ଭୟ ନ କରିବ ? କିଏ ତୁମ୍ଭ ନାମର ଗୌରବ କୀର୍ତ୍ତି ଗାନ କରିବ ? କାରଣ ତୁମ୍ଭେ ହି ପବିତ୍ର, ଜାତି ସମୂହ ଆସି ତୁମ୍ଭେ ଛାମୁରେ ପ୍ରଣାମ କରିବେ, ଯେଣୁ ତୁମ୍ଭର ନ୍ୟାୟ କର୍ମସମୂହଁ ପ୍ରକାଶିତ ହୋଇଅଛି ।

୧୯. (ପ୍ରକାଶିତ ୧୬:୫-୭) (ଜଳାଧିପତି ଦେବଦୂତ) ସେତେବେଳେ ମୁଁ ଜଳାଧିପତି ଦୂତଙ୍କୁ ଏହା କହିବାର ଶୁଣିଲି, ହେ ବର୍ତ୍ତମାନ ଓ ଅତୀତ, ପୁଣି, ପବିତ୍ର ଯେ ତୁମ୍ଭେ ନ୍ୟାୟକର୍ତ୍ତା ବୋଲି ଏହିପରି ବିଚାର କରିଅଛି, ଯେଣୁ ସେମାନେ ସାଧୁମାନଙ୍କର ଓ ଭାବବାଦୀମାନଙ୍କର ରକ୍ତପାତ କରିଥିଲେ, ଆଉ ତୁମ୍ଭେ ସେମାନଙ୍କୁ ପାନ କରିବା ନିମନ୍ତେ ରକ୍ତ ଦେଇଅଛ, ସେମାନେ ସେଥିରେ ଯୋଗ୍ୟ । ସେତେବେଳେ ମୁଁ ବେଦୀରୁ ଏହା ଶୁଣିଲି, ହଁ, ହେ ପ୍ରଭୁ, ସର୍ବଶକ୍ତିମାନ ଈଶ୍ୱର, ତୁମ୍ଭର ସମସ୍ତ ବିଚାର ସତ୍ୟ ଓ ଯଥାର୍ଥ ।

୨୦. (ପ୍ରକାଶିତ ୧୬: ୧୫-୧୬) ଦେଖ, ଆମ୍ଭେ ଚୋର ପରି ଆସୁଅଛୁ, ଯେ ଜାଗ୍ରତ ଥାଇ ଆପଣା ବସ୍ତ୍ର ରକ୍ଷା କରେ, ସେ ଧନ୍ୟ, କାରଣ ତାହା କଲେ ସେ ଉଲଗ୍ନ ହୋଇ ବୁଲିବ ନାହିଁ ଓ ଲୋକେ ତାହାର ଲଜ୍ଜା ଦେଖିବେ ନାହିଁ ।

୨୧. (ପ୍ରକାଶିତ ୧୭:୧୪) (ଦୂତ କହିଥିବା) ସେମାନେ ମେଷଶାବକଙ୍କ ସହିତ ଯୁଦ୍ଧ କରିବେ, କାରଣ ସେ ପ୍ରଭୁମାନଙ୍କର ପ୍ରଭୁ ଓ ରାଜାମାନଙ୍କର ରାଜା, ପୁଣି, ଯେଉଁମାନେ ତାହାଙ୍କ ସହିତ ଅଛନ୍ତି, ସେହି ଆହୁତ, ମନୋନୀତ ଓ ବିଶ୍ୱସ୍ତ ଲୋକମାନେ ମଧ୍ୟ ଜୟ କରିବେ ।

୨୨. (ପ୍ରକାଶିତ ୧୮:୨୦) (ଦୂତମାନେ କହିଥିବା ବାଣୀ) ହେ ସ୍ୱର୍ଗ, ହେ ସାଧୁବନ୍ଧୁ, ହେ ପ୍ରେରିତବର୍ଗ, ହେ ଭାବବାଦୀ ସମସ୍ତେ, ତୁମ୍ଭେମାନେ ତାହାର ପତନରେ ଆନନ୍ଦ କର, ଈଶ୍ୱର ତୁମ୍ଭମାନଙ୍କର ସକାଶେ ତାହାଠାରୁ ପ୍ରତିଶୋଧ ନେଇଛନ୍ତି ।

୨୩. (ପ୍ରକାଶିତ ୧୯:୧-୭) (ସ୍ୱର୍ଗରେ ଜୟ ଶବ୍ଦ) ଏଥି ଉତ୍ତାରେ ମୁଁ ସ୍ୱର୍ଗରେ ମହାଜନତାର ଶବ୍ଦ ପରି ଗୋଟିଏ ମହା ଶବ୍ଦ ଏହା କହିବାର ଶୁଣିଲି, ହାଲେଲୁୟା, ପରିତ୍ରାଣ, ଗୌରବ ଓ ପରାକ୍ରମ ଆମ୍ଭମାନଙ୍କ ଈଶ୍ୱରଙ୍କର, କାରଣ ତାହାଙ୍କ ବିଚାର ସତ୍ୟ ଓ ନ୍ୟାୟ, ଯେଉଁ ମହାବେଶ୍ୟା ଆପଣା ବ୍ୟଭିଚାର ଦ୍ୱାରା ପୃଥିବୀକୁ ଭ୍ରଷ୍ଟକରିଥିଲା, ସେ ତାହାକୁ ଦଣ୍ଡ ଦେଇ ଆପଣା ଦାସମାନଙ୍କ ରକ୍ତପାତ ପରିଶୋଧ ତାହାଠାରୁ ନେଇଅଛନ୍ତି । ପୁଣି, ସେ ଦ୍ୱିତୀୟ ଥର କହିଲେ, ହାଲେଲୁୟା, ତାହାର ଅଗ୍ନିରେ ଧୂମ ଯୁଗେ ଯୁଗେ ଉଠୁଥିବ । ସେଥିରେ ସେହି ଚବିଶ ପ୍ରାଚୀନ ଓ ଚାରି ପ୍ରାଣୀ

ଉଦ୍‌ବୁଦ୍ଧ ହୋଇ ସିଂହାସନ ଉପବିଷ୍ଟ ଈଶ୍ୱରଙ୍କୁ ପ୍ରଣାମ କରି କହିଲେ, ଆମେନ୍ ହାଲେଲୁୟା । ସେତେବେଳେ ସିଂହାସନଠାରୁ ଗୋଟାଏ ଶବ୍ଦ ନିର୍ଗତ ହୋଇ କହିଲା, ହେ ଈଶ୍ୱରଙ୍କ ଦାସମାନେ, ହେ ତାହାଙ୍କର ଜୟକାରୀ କ୍ଷୁଦ୍ର ଓ ମହାନ ଲୋକମାନେ, ତାହାଙ୍କର ପ୍ରଶଂସା କର । ଆଉ ମୁଁ ମହାଜନତାର ଶବ୍ଦ ପରି ଗୋଟିଏ ଶବ୍ଦ ଏହା କହିବାର ଶୁଣିଲି, ହାଲେଲୁୟା, କାରଣ ପ୍ରଭୁ ଆମ୍ଭମାନଙ୍କର ସର୍ବଶକ୍ତିମାନ ଈଶ୍ୱର ରାଜତ୍ୱ ଗ୍ରହଣ କରିଅଛନ୍ତି । ଆସ, ଆମ୍ଭେମାନେ ଆନନ୍ଦ ଓ ଉଲ୍ଲାସ କରୁ, କାରଣ ମେଷଶାବକଙ୍କ ବିବାହର ସମୟ ଉପସ୍ଥିତ, ଆଉ ତାହାଙ୍କ କନ୍ୟା ଆପଣାକୁ ସଜ୍ଜିତ କରିଅଛି ।

## ପ୍ରକାଶିତ ପୁସ୍ତକର ସାତ ଧନ୍ୟତା

୧. ଯେ ପାଠ କରେ ଓ ଯେଉଁମାନେ ଏହି ଭାବବାଣୀ ଶ୍ରବଣ କରନ୍ତୁ ପୁଣି, ସେଥିରେ ଲିଖିତ ବିଷୟ ସବୁ ପାଳନ କରନ୍ତି, ସେମାନେ ଧନ୍ୟ । ୧:୩

୨. ଯେଉଁମାନେ ଏଣିକି ପ୍ରଭୁଙ୍କଠାରେ ଥାଇ ମରନ୍ତି, ସେମାନେ ଧନ୍ୟ । ୧୪:୧୩

୩. ଯେ ଜାଗ୍ରତ ଥାଇ ଆପଣା ବସ୍ତ୍ର ରକ୍ଷା କରେ, ସେ ଧନ୍ୟ । ୧୬:୧୫

୪. ଯେଉଁମାନେ ମେଷଶାବକଙ୍କ ବିବାହଭୋଜକୁ ନିମନ୍ତ୍ରିତ, ସେମାନେ ଧନ୍ୟ । ୯:୯

୫. ଯେଉଁମାନେ ପ୍ରଥମ ପୁନରୁତ୍ଥାନରେ ଅଂଶୀ ହୁଅନ୍ତି, ସେମାନେ ଧନ୍ୟ । ୨୦:୬

୬. ଦେଖ ଆମ୍ଭେ ଶିଘ୍ର ଆସୁଅଛି, ଯେ ଏହି ପୁସ୍ତକର ଭାବବାଣୀ ସବୁ ପାଳନ କରେ, ସେ ଧନ୍ୟ । ୨୨:୭

୭. ଜୀବନ ବୃକ୍ଷର ଅଧିକରି ହେବା ନିମନ୍ତେ ଓ ଦ୍ୱାର ଦେଇ ନାଗରୀରେ ପ୍ରବେଶ କରିବା ନିମନ୍ତେ ଯେଉଁମାନେ ଆପଣା ଆପଣ ବସ୍ତ୍ର ଧୌତ କରନ୍ତି, ସେମାନେ ଧନ୍ୟ । ୨୨:୧୪

# ପାହାଚ ପ୍ରାର୍ଥନା

ପ୍ରଭୁଙ୍କୁ କିପରି ପ୍ରାର୍ଥନାକଲେ ଆମର ଇଚ୍ଛା ସଫଳହେବ, ସେହି ବିଷୟ ଏହି ପତ୍ରିକାରେ ରହିଅଛି । ଏଥିପାଇଁ ଏହାକୁ ନଷ୍ଟ କରନ୍ତୁ ନାହିଁ । ଯେ କୌଣସି ଧର୍ମକୁ ମନ୍ଦକହି କୌଣସି ମନୁଷ୍ୟ ଧର୍ମକୁ ତୁଚ୍ଛ ମନେ କରିବା ଉଚିତ ନୁହେଁ । ସମସ୍ତେ ପ୍ରଭୁଙ୍କ ସନ୍ତାନ । ପ୍ରଭୁ ସମସ୍ତଙ୍କ ପ୍ରଭୁ ଅଟନ୍ତି । ତାହାଙ୍କୁ ପଚାରି ସତ୍ୟ ଜ୍ଞାତ ହୁଅନ୍ତୁ । ତେବେ ତୁମ୍ଭେ ଆଶୀର୍ବାଦ ପ୍ରାପ୍ତ ହେବ ।

୧) ମାନବ ଭାଇମାନେ ! ତୁମେ ଏକାନ୍ତ ସ୍ଥାନକୁ ଯାଇ ପ୍ରଭୁ ତୁମ ସମ୍ମୁଖରେ ଅଛନ୍ତିବୋଲି ମନେକରି ତାହାଙ୍କୁ ନମସ୍କାର କରନ୍ତୁ । ଏହା ପ୍ରଥମ ପାହାଚ ।

୨) ପ୍ରଭୁଙ୍କ ଆଗରେ ତୁମ ପାପ ସ୍ୱୀକାର କରି କୁହ ପ୍ରଭୁ ! ମୋ ପାପକୁ କ୍ଷମା କର, ମୁଁ ଜାଣିଥିବା କୌଣସି ଭୂଲ ଯେପରି ନକରେ, ଏଥି ନିମନ୍ତେ ପ୍ରାର୍ଥନା କରନ୍ତୁ । ଏହା ଦ୍ୱିତୀୟ ପାହାଚ ।

୩) ପ୍ରଭୁ ମୋ ଶକ୍ତି ଅନୁଯାଇ ମୋହକୁ ପରିତ୍ୟାଗ କରିପାରିବି, ମୋର ଚିନ୍ତାରେ, ଦୃଷ୍ଟିରେ, ଶ୍ରବଣରେ, କଥାରେ, ଚେଷ୍ଟାରେ କାର୍ଯ୍ୟରେ ଯେପରି ଦୁର୍ବୁଦ୍ଧି ନ ଆସି ସଦା ଜାଗ୍ରତ କିପରି ରହିପାରିବି, ଏପରି ପ୍ରଭୁଙ୍କ ସମ୍ମୁଖରେ ବିନତି କରନ୍ତୁ । ଏହା ତୃତୀୟ ପାହାଚ ।

୪) ପ୍ରଭୁ ! ମୋର ଶରୀରକୁ, ମୋର ପ୍ରାଣକୁ, ମୋର ଆତ୍ମାକୁ, ମୋର ଜ୍ଞାନକୁ, ମୋର ମନ, ମୋର ଗୃହ ଏବଂ ମୋର ପ୍ରାପ୍ତ ସମସ୍ତ ବିଷୟ ଭୂଷଣ ଆପଣଙ୍କ ଶ୍ରୀଚରଣରେ ଅର୍ପଣ କରୁଛି । ଏପରିଭାବେ ପ୍ରଭୁଙ୍କ ସମ୍ମୁଖରେ ବିନତି କରନ୍ତୁ । ଏହା ଚତୁର୍ଥ ପାହାଚ ।

୫) ସୃଷ୍ଟିକର୍ତ୍ତା ପ୍ରଭୁ ! ତୁମ୍ଭର ଆଦି, ଅନ୍ତ ନାହିଁ ଏବଂ ତୁମ୍ଭେ ମହାନ ଅଟ ତଥାପି ତୁମ୍ଭେ ଆମ୍ଭର ପିତା ଅଟ ଓ ଆମ୍ଭର ପ୍ରାର୍ଥନା ଶୁଣିବା ପ୍ରଭୁ ଅଟ । ତେଣୁ ତୁମ୍ଭଙ୍କୁ ଧନ୍ୟବାଦ । ତୁମ୍ଭେ ଜୀବନ୍ତ, ପ୍ରେମପୂର୍ଣ୍ଣ, ନ୍ୟାୟବାନ, ଶକ୍ତିବାନ ଓ ପାପର ଲେଶମାତ୍ର ନଥିବା ପ୍ରଭୁ ଅଟ । ତୁମ୍ଭେ ସବୁଠାରେ ରହିଅଛ । ମୋ ନିକଟରେ ମଧ୍ୟ ରହିଅଛ । ତେଣୁ ତୁମ୍ଭଙ୍କୁ ଧନ୍ୟବାଦ । ତୁମ୍ଭଠାରେ ଥିବା ଏହିସବୁ ଉତ୍ତମ ଗୁଣ ଆମଠାରେ ମଧ୍ୟ ରଖିଅଛ । ତେଣୁ ତୁମ୍ଭଙ୍କୁ ଧନ୍ୟବାଦ । ଏପରି ପ୍ରଭୁଙ୍କୁ ବିନତି କରନ୍ତୁ । ଏହା ପଞ୍ଚମ ପାହାଚ ।

୬) ପ୍ରଭୁ ପିତା ! ତୁମେ ମୋର ସମସ୍ତ କଷ୍ଟ ଦୂର କରିଅଛ, ତେଣୁ ଧନ୍ୟବାଦ । ମୁଁ ତୁମ୍ଭ ନିକଟରେ ପ୍ରାର୍ଥନା କଲେ ମଧ୍ୟ, ନ କଲେ ମଧ୍ୟ ରକ୍ଷା କରିଛ । ତେଣୁ ଧନ୍ୟବାଦ । ଏପରି ପ୍ରଭୁଙ୍କ ସମ୍ମୁଖରେ ବିନତି କରନ୍ତୁ । ଏହା ଷଷ୍ଠ ପାହାଚ ।

୭) ପ୍ରଭୁ ! ମୁଁ ତୁମକୁ ମାଗିଲେ ବା ନ ମାଗିଲେ ମଧ୍ୟ ଅନେକ ଉପକାର କରିଅଛ ତେଣୁ ଧନ୍ୟବାଦ । କେବଳ କଷ୍ଟ ଦୂର ନୁହେଁ ଉପକାର ମଧ୍ୟ କରିଅଛ, ତେଣୁ ଧନ୍ୟବାଦ । ଏପରି ପ୍ରଭୂଙ୍କ ସମ୍ମୁଖରେ ବିନତି କରନ୍ତୁ । ଏହା ସପ୍ତମ ପାହାଚ ।

୮) ଦୟାମୟ ପିତା ମୋତେ ଯାହା ଆବଶ୍ୟକ ତାହା ଦୟାକର ଓ ସଦା ପୋଷଣ ତଥା ଆରୋଗ୍ୟ ରଖନ୍ତୁ ବୋଲି ପ୍ରାର୍ଥନା କରନ୍ତୁ, ଏହା ଅଷ୍ଟମ ପାହାଚ ।

୯) ପ୍ରଭୁ ! ତୁମ୍ଭେ ଆମ୍ଭ ପିତା ଅଟ । ତୁମ୍ଭେ ଆମ ପାଳନକର୍ତ୍ତା । ଆମ୍ଭର ବୈଦ୍ୟ ଓ ଆମକୁ ବିଦ୍ୟା ବୁଦ୍ଧି ଶିକ୍ଷାଦେବା ପ୍ରଭୁ ଅଟ । ଅନୁଗ୍ରହ କରି ଆମ୍ଭ ହୃଦୟରେ ତୁମ୍ଭପ୍ରତି ଭକ୍ତିଭାବନା ଜାତ ହେଉ । ତୁମ୍ଭେ ସମସ୍ତ ବିଷୟରେ ସମର୍ଥ ଅଟ, ତେଣୁ ଆମ୍ଭେମାନଙ୍କୁ

ଆଶୀର୍ବାଦ କର ଓ ରକ୍ଷା କର । ତୁମ୍ଭପ୍ରତି ବିଶ୍ୱସ୍ତ ମାନବକୁ ମୋକ୍ଷ ପ୍ରାଦନ କର । ତୁମ୍ଭ ଶରଣରେ ଆସୁଥିବା ବ୍ୟକ୍ତିଙ୍କୁ ଜ୍ଞାନ ଓ ବିଶ୍ୱାସ ପ୍ରଦାନ କରି ମୋକ୍ଷ ପ୍ରାପ୍ତ କରାନ୍ତୁ ବୋଲି ପ୍ରାର୍ଥନା କରନ୍ତୁ, ଏହା ହେବ ନବମ ପାହାଚ ।

୧୦) ପ୍ରଭୁ ! ମୋତେ ମନୁଷ୍ୟ ରୂପରେ ବା ସ୍ୱପ୍ନରେ ଦେଖାଦିଅ । ମୋ ସହ କଥା କୁହ । ମୁଁ ତୁମ୍ଭଙ୍କୁ କୌଣସି ବିଷୟ ମାଗିଲେ ସେଥିରେ ଉତ୍ତର ଦିଅ ବୋଲି ପ୍ରାର୍ଥନା କରନ୍ତୁ । ଏହାହେବ ଦଶମ ପାହାଚ ।

୧୧) ଏବେ ମୌନ ଭାବରେ ରହି ପ୍ରଭୁଙ୍କ ବାକ୍ୟକୁ ଅପେକ୍ଷା କର । ସେ ନିଶ୍ଚିତ ରୂପେ ଦର୍ଶନ ଦେବେ ଓ କଥା କହିବେ । ଏହା ଏକାଦଶ ପାହାଚ ।

**ବିଜ୍ଞାପନ :** ଏହି ଏକାଦଶଟି ପାହାଚ ଚଢିଲାପରେ ତୁମ୍ଭଙ୍କୁ ମହାନସ୍ଥିତି ପ୍ରାପ୍ତହେବ । ତୁମ୍ଭର ଇଚ୍ଛାନୁଯାଇ ଏହି ପ୍ରାର୍ଥନା କେବଳ ନିଜେ ବା ସମସ୍ତଙ୍କୁ ନେଇ କରିପାରିବେ । ଏହି ପ୍ରାର୍ଥନା ଫଳରେ ଭୂତ ପାଖକୁ ଆସିବେ ନାହିଁ, ଗୁଣିଆ ଲାଗିବ ନାହିଁ, ଅଭିଶାପ ଆସିବ ନାହିଁ, ଶତୃ ମିତ୍ର ହେବେ, ପାପ, ରୋଗ, ବ୍ୟାଧି ଓ ଦାରିଦ୍ର୍ୟତା ଦୂରହେବ । ସନ୍ତାନ ନଥିବା ଲୋକର ସନ୍ତାନ ହେବ । ଋଣ ପରିଶୋଧ ହେବ । କ୍ଷେତରେ ଉତ୍ତମ ଫସଲ ହେବ । ପଶୁମାନେ ଭଲ କ୍ଷୀର ଦେବେ । ପୋକ ଛୁଇଁବ ନାହିଁ । ଛୁଇଁଲେ ମଧ୍ୟ ପ୍ରାର୍ଥନା ଫଳରେ ବିଷ ଭାଙ୍ଗିଯିବ । ତୁମ୍ଭର ଭାବନା ସଫଳ ହେବ । ଭୟ ନକରି ପ୍ରଭୁଙ୍କୁ ଭାବି ସନ୍ତୋଷରେ ରହନ୍ତୁ । ତେବେ ଏହି ଭୂଲୋକ ସ୍ୱର୍ଗସ୍ୱରୂପ ଦେଖାଯିବ । ଚିନ୍ତା ଓ ଅବିଶ୍ୱାସ ମନରୁ ଦୂରକରନ୍ତୁ । ଏହିସବୁ ଶୟତାନର କାର୍ଯ୍ୟ । ତୁମ୍ଭ ଜୀବନକାଳରେ ସଦା ପ୍ରଭୁଙ୍କ କାର୍ଯ୍ୟ କର । ମାତ୍ର ଅନ୍ୟ ବିଷୟ ରହିବା ଅନୁଚିତ । ତୁମ୍ଭର ମଙ୍ଗଳ ହେଉ ।

ଏହାକୁ ସମସ୍ତ ଧର୍ମର ଲୋକ ପାଠ କରି ପ୍ରଭୁ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତୁ ଓ ସଦା ବିଜୟ ହେଉ ।

ଏହା ପ୍ରଭୁ ସାଧୁ ଏମ୍. ଦେବଦାସ ପିତାଙ୍କୁ ପ୍ରକାଶ କରିଥିବା ବାଇବଲ ମିଶନ ଏବଂ ଏହି ପତ୍ରିକା ସାଧୁ ଏମ୍. ଦେବଦାସ ପିତାଙ୍କ ଦ୍ୱାରା ପ୍ରକାଶିତ ।

# ବିଶ୍ୱାସ କରି ଦେଖ

ତୁମେ ରାସ୍ତାରେ ଯାଉଥିବାବେଳେ ମୋଟର ଗାଡ଼ି ଚାଳକ ହର୍ଣ୍ଣ ବଜାଇଲେ ଗୋଟେ ଆଡ଼େ ଯାଆ କି ନାହିଁ ? ସାଇକେଲ ଚଲାଇଲାବେଳେ ଘଣ୍ଟି ବଜାଇଲେ ଗୋଟିଏ ତଡ଼କୁ ଦୌଡ଼ିବ କି ନାହିଁ ? ତୁମ ଉପରକୁ ମାଡ଼ି ଆସୁଥିବା ପ୍ରଳୟରୁ ରକ୍ଷା ପାଇବା ସକାଶେ ପ୍ରଳୟଟି ଟଳିଯାଉ ବୋଲି ଈଶ୍ୱର ଆଦେଶ ଦେଲାବେଳେ ତୁମେ ମନଯୋଗ ନ ଦେଇ କାହିଁକି ରହୁଅଛ ? ଈଶ୍ୱର ତୁମକୁ ଉପାୟ ସୁବିଧା କହିଲେ ସୁଦ୍ଧା ତୁମକୁ ଖାତିର ନାହିଁ କି ? ତାଙ୍କ କଥା ମାନି ଦେଖ ।

ଖାଦ୍ୟ ଖରାପ ହେଲେ ଫୋପାଡ଼ି ଦେଉଅଛୁ । ବୈଦ୍ୟ ଔଷଧ ବୋତଲ ଦେବା ସମୟରେ ଏହା ବିଷ ଅଟେ, ସାବଧାନ ସହ ନେଇଯାଉ କହିଲେ, ସାବଧାନରେ ନେଉଅଛୁ । ଫଳ ଭିତରେ ପୋକ ଅଛି । ତାହା ଖାଇଲେ ସ୍ୱାସ୍ଥ୍ୟ ବିଗିଡ଼ିଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ କହିଲେ, ତୁମେ ସେହି ଫଳ ନ ଖାଇ ଫୋପାଡ଼ି ଦେଉଅଛ । ପାପରେ ଫଳ ମରଣ ବୋଲି ଈଶ୍ୱର କହିଥିଲେ ସୁଦ୍ଧା ପାପ କରିବା ଛାଡ଼ିବ ନାହିଁ ? ତାଙ୍କ କଥାକୁ ବିଶ୍ୱାସ କରିବ ନାହିଁ କି ? କାନ୍ଥରେ ନୋଟିସ କାଗଜ ଲଗାଇଲେ ଛିଡ଼ାହୋଇ ପଢ଼ିବ, ଏଠାରେ ବିପଦ ଅଛି ବୋଲି ଲାଲ ପତାକା ଲଗାଇଲେ, ସେହି ରାସ୍ତାରେ ଛିଡ଼ାହେବ କିନ୍ତୁ ପାପ କଲେ ପ୍ରତ୍ୟେକ

ବ୍ୟକ୍ତି ମରିଯିବେ ବୋଲି ଈଶ୍ୱର କହୁଛନ୍ତି, ତାହା ବିଶ୍ୱାସ କରିବ ନାହିଁ କି ? ବିଶ୍ୱାସ କରି ଦେଖ । ସଂକ୍ରାମକ ରୋଗକୁ ଛୁଇଁବ ନାହିଁ, ବିନା ଟିକେଟରେ ପ୍ରବେଶ ନିଷେଧ କହିଲେ ତାହା କିଣିବ କିନ୍ତୁ ପୁନଃ ଜନ୍ମ ହେଲେ ସୁଦ୍ଧା କେହି ସ୍ୱର୍ଗରାଜ୍ୟ ଦେଖିପାରିବେ ନାହିଁ ବୋଲି ଖ୍ରୀଷ୍ଟ କହୁଅଛନ୍ତି । କିନ୍ତୁ ତୁମେ ଆହୁରି ପାପ କରୁଅଛ । ପାପକୁ ଛାଡ଼ିପାରିବ ନାହିଁ କି ? ବିଶ୍ୱାସ କରି ଦେଖ ।

କେହି ଜଣେ ଧନ ଦେବି କହିଲେ ହାତପାତି ଗ୍ରହଣ କରିବ । ଖ୍ରୀଷ୍ଟ ଅନନ୍ତ ଜୀବନ ଦେବେ ବୋଲି କହୁଅଛନ୍ତି, ବିଶ୍ୱାସ କରି ଦେଖ । ଈଶ୍ୱର ରୂପକ ଖ୍ରୀଷ୍ଟ ଅନନ୍ତ ଜୀବନ ମାଗଣାରେ ଦିଅନ୍ତି । ତାହା ତୁମର ଆବଶ୍ୟକ ଥିବା ସତ୍ତ୍ୱେ ଦରକାର ନାହିଁ ବୋଲି ଚାଲିଯାଉଅଛୁ କାହିଁକି ? ଅନନ୍ତ ଜୀବନକୁ ଆଶ୍ରଦ୍ଧା କଲେ ବିନାଶ ହୋଇଯିବ । ପାଠକେ, ତୁମକୁ କିପରି ମୁକ୍ତି ମିଳିବ ନାହିଁ ? ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରି ଦେଖ । ପ୍ରଭୁ ହୋଇଥିବା ଯୀଶୁଙ୍କ ଉପରେ ବିଶ୍ୱାସ ରଖ । ସେତେବେଳେ ତୁମେ ଓ ତୁମ ପରିବାରର ସଭ୍ୟମାନେ ନିଶ୍ଚିତ ରୂପେ ରକ୍ଷା ପାଇବେ । ତେଣୁ ପ୍ରିୟ ଭାଇ ଭଉଣୀମାନେ ଯୀଶୁଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ରଖି ତାଙ୍କୁ ମାନି, ତାଙ୍କ ସମ୍ମୁଖରେ ତୁମର ସମସ୍ତ ପ୍ରକାର ପାପଗୁଡ଼ିକ ସ୍ୱୀକାର କରି, ପାପ ନ କରିବା ସକାଶେ ସାବଧାନ ରହନ୍ତୁ । ସେତେବେଳେ ସେ ତୁମର ସମସ୍ତ ପାପ ଗୁଡ଼ିକ କ୍ଷମା କରି ତୁମକୁ ଅନନ୍ତ ଜୀବନ ଅର୍ଥାତ୍ ମୋକ୍ଷ ଅନୁଗ୍ରହ କରିବେ ।

# ପ୍ରଭୁ ଯୀଶୁ ଆସିଲା ବେଳେ କ'ଣ ହୁଏ ?

ଏହି ସେ ମେଘାରୁଢ଼ ହୋଇ ଆସୁଅଛନ୍ତି । ପ୍ରକାଶନ ୧:୭

୧. ଭକ୍ତମାନେ ସ୍ୱର୍ଗ ରାଜ୍ୟକୁ ନିଆଯିବେ ।

୨. ଯୁକ୍ତିକାରୀମାନେ ରହିଯିବେ ।

୩. ଆକାଶରେ ଶକ୍ତିଗୁଡ଼ିକ ପ୍ରଚଳିତ ହେବେ ।
୪. ମୁକ୍ତିର ଦ୍ୱାର ବନ୍ଦ ହୋଇଯିବ ।
୫. ମୃତ୍ୟୁର ଦ୍ୱାର ଖୋଲିବ ।
୬. ଦୁଃଖୀମାନଙ୍କୁ ସାନ୍ତ୍ୱନା ମିଳିବ ନାହିଁ ।
୭. ବିନାଶର ଅନ୍ତ ହେବନାହିଁ ।

ସେତେବେଳେ ମନୁଷ୍ୟମାନେ କ'ଣ କରିବେ ? ନିଜକୁ ରକ୍ଷା କରିବା ପାଇଁ ବ୍ୟଗ୍ର ହେବେ । ତାଙ୍କର ଆଗମନ ଗର୍ବିମାନଙ୍କ ଗର୍ବଭଙ୍ଗ, ଈଶ୍ୱର ନାହାନ୍ତି ବୋଲି କହୁଥିବା ଲୋକେ ଈଶ୍ୱର ଅଛନ୍ତି ବୋଲି କଥା ମାନିବେ, ବିସ୍ତାର କରିବା ଲୋକଙ୍କ ଅସହ୍ୟ ଘାରିବ, ମନ୍ଦ ବୁଦ୍ଧିମାନଙ୍କୁ ସ୍ନେହ ଭଙ୍ଗ, ବିରୁଦ୍ଧ ବୋଦ୍ଧକମାନଙ୍କୁ ଆଶ୍ଚର୍ଯ୍ୟାତ୍ମକ ଦଣ୍ଡ, କଠିନ ହୃଦୟମାନଙ୍କ ମନରେ ଉଦ୍‌ବେଗ ନାରୀମାନଙ୍କ ପୂଜା କରୁଥିବା ନାଶକାରୀ ଲୋକଙ୍କ ନର ଅବତାରଙ୍କ ସହ ସଂଘର୍ଷ, ମୂର୍ତ୍ତି ପୂଜା କରୁଥିବା ଭିନ୍ନ ଧର୍ମାବଲମ୍ବୀଙ୍କ ସହି ନ କାରିବା କ୍ରନ୍ଦନ, ବିରାମ ନଥିବା ଅଶ୍ରୁ, ଛୋଟ ପଇସାକୁ ଆଶା କରିବା ସମ୍ପତ୍ତିବାନ ମାନଙ୍କୁ ଅତି ମନୋବେଦନା, ବିଦ୍ୟବାନମାନଙ୍କୁ, ଗର୍ବ କରୁଥିବା ପଣ୍ଡିତମାନଙ୍କୁ ବିଶ୍ୱାନାଥଙ୍କୁ ଧମକ, ଭଲ ମନ୍ଦ ବାଛବିଚାର ନଥିବା ବ୍ୟଭିଚାରୀମାନଙ୍କୁ ନିଶ୍ଚିହ୍ନତା, ଯୀଶୁଙ୍କୁ କୃଶକୁ ଥଟ୍ଟାକରି ଧିକ୍କାର କରିବା ଧିର ମାନଙ୍କୁ ଗତିହୀନ ଦୌଡ଼, ଯେଉଁଠାରେ ଗଲେ ମଧ୍ୟ କ୍ରନ୍ଦନ ଯୀଶୁଖ୍ରୀଷ୍ଟ ଆମର ଭଗବାନ ବୋଲି କହି ପାପକର୍ମ କରିଥିବା ହେୟମାନଙ୍କୁ ଦୟା ନକରି ଦେବା ଦଣ୍ଡ, ଆମକୁ କହୁନାହିଁ ବୋଲି କହୁଥିବା ମାନବଙ୍କୁ କେଉଁଠରେ ଯିବା, କଣ କରିବା ବୋଲି ଭାବନା, ପିତାମାତାଙ୍କୁ ଦୁଃଖ କରୁଥିବା ପିଲାମାନଙ୍କୁ ଉଚିତ ଦଣ୍ଡ, ସ୍ତ୍ରୀ ମାନଙ୍କୁ ଥଟ୍ଟା କରୁଥିବା ଅଧମମାନଙ୍କୁ ଘୋର ଦଣ୍ଡ, ପୁରୁଷମାନଙ୍କୁ ଦେଖି ବିକାରଗ୍ରସ୍ଥ ହେଉଥିବା ମହିଳାମାନଙ୍କୁ କେବେ ଭଲ ନହେବା ଘା, ପତି ମାନଙ୍କୁ ହଇରାଣ କରୁଥିବା ସତୀମାନଙ୍କୁ ଗତି

ନଥିବା ଦଣ୍ଡ, କ୍ରୁରତା ପ୍ରଦର୍ଶନ କରୁଥିବା କୁଟିଳ ପତି ମାନଙ୍କୁ ଚକ୍ଷୁ ଖୋଲିବା, ମୋର କଣ ଅଛି ଭାବୁଥିବା ନେତାମାନଙ୍କୁ ହାସ୍ୟାସ୍ପଦ କରାଇବା, କୁ-ପ୍ରୋରଚନା କରାଉଥିବା ବ୍ୟକ୍ତିମାନଙ୍କୁ ପୁତ୍ର ଶୋକ, ବଡ଼ ଲୋକ ବୋଲି ଭାବି ଭୁଲ କରୁଥିବା ବ୍ୟକ୍ତିମାନଙ୍କୁ କଠିନ ଦଣ୍ଡ, ଭୁଲକୁ ଘୋଡ଼ାଉଥିବା ଲୋକଙ୍କୁ ନିଶ୍ଚିତ ଦଣ୍ଡ, ଧର୍ମଭେଦ କରୁଥିବା ନେତାମାନଙ୍କୁ ତୋର କେଉଁ ଧର୍ମବୋଲି ଠିଆକରି ପଚାରିବା, ଦୁର୍ଜନମାନଙ୍କୁ ଦଣ୍ଡ, ଠକମାନଙ୍କୁ ହାତକଡ଼ି, ଭୟହୀନ ବୋଧକମାନଙ୍କୁ ଅନ୍ତହୀନ ଶ୍ରମଦଣ୍ଡ, ଯେତେ ବୁଝାଇଲେ ମଧ୍ୟ ନୀତି ନ ବୁଝିବା ଉଦାସୀନ ଭାବୁକମାନଙ୍କୁ ନିଆଁଖୁଣ୍ଟ, ଆଉ କ'ଣ କହିବି ଏହି ଜଗତ ହିଁ ଶାଶ୍ୱତ ସୁଖ ବୋଲି କହୁଥିବା ଲୋକଙ୍କୁ ଅନନ୍ତ ଶୋକ ପ୍ରାପ୍ତି, ତେଣୁ ବର୍ତ୍ତମାନ ହିଁ ସ୍ୱର୍ଗରେ ପ୍ରବେଶ କରିବାକୁ ପ୍ରୟାସ କର । ଇହ ପରର ଆରାଧ୍ୟ ସର୍ବ ମାନବ ରକ୍ଷାକର୍ତ୍ତା ରକ୍ତ-ପ୍ରାଣଦାତା ନରବାତାରୀ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବିଶ୍ୱାସ କରି ପ୍ରାର୍ଥନା କର । ସେ ହିଁ ତୁମର ରକ୍ଷକ । ସେହି ପ୍ରଭୁ ହି ତୁମକୁ ପାପରୁ କ୍ଷମାଦାନ ରୂପକ ରକ୍ଷା ଲଭି ତାଙ୍କ ଆଗମନରେ ଯୋଗଦେଇ ଲୀନ ହେବାକୁ ଚେଷ୍ଟା କରି ଦଣ୍ଡରୁ ରକ୍ଷାପାଅ । ସେଥିପାଇଁ ତାଙ୍କ କୃପା ତୁମକୁ ସର୍ବଦା ପ୍ରାପ୍ତ ହେଉ ।